

# ନୀଳାଦ୍ରି ବିଜେ କଲେ ଚତୁର୍ଦ୍ଧା ମୂର୍ତ୍ତି



**ଯଖପୁରା, ୨୧।୭ (ସମିସ):** ଦାନଗଦି ବ୍ଲକ ମାନତୀରା ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିରର ନୀଳାଦ୍ରି ବିଜେ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ମନ୍ଦିରର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଅଙ୍ଗଲାଗି ସେବକଙ୍କ ଦ୍ୱାରା ଲକ୍ଷ୍ମୀ-ନାରାୟଣ ବଚନିକା ଓ ପରିଶେଷରେ ବସ୍ତ୍ର, ଭୂଷଣ, ରସଗୋଲା ଦେଇ ମାନଭଞ୍ଜନର ଦିବ୍ୟ ଲୀଳାକୁ ଭବ୍ୟ, ଦିବ୍ୟ ଆନନ୍ଦାଭିଭୁତ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଉକ୍ତ ଉତ୍ସବରେ ମାନତୀରା ଗ୍ରାମବାସୀଙ୍କ ସମେତ ମଣ୍ଡଳର ବିଭିନ୍ନ ଶାଖାର ଚାରଣ ଭାଇ, ସଂକୀର୍ତ୍ତନ ମଣ୍ଡଳୀ, ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଙ୍କ ଦିବ୍ୟ ଦେବ ଦୁର୍ଲଭ ବେଶ ଦର୍ଶନ କରି କୃତାର୍ଥ ହୋଇଥିଲେ । ସ୍ଥାନୀୟ ତଥା ଦୂରଦୁରାନ୍ତରୁ ଆସିଥିବା ଭକ୍ତ ନିଳାଦ୍ରୀ ବିଜେ ଉତ୍ସବରେ ଅଂଶଗ୍ରହଣ କରିଥିଲେ ।

# ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ଦ୍ୱିତୀୟ ହୁଣ୍ଡିଦାନ କାର୍ଯ୍ୟକ୍ରମ ଆରମ୍ଭ




**ଯାଜପୁର, ୨୧।୭ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଅସହାୟ କର୍କଟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ ହୁଣ୍ଡିଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଆଜି ସକାଳୁ ମା'ବିରଜାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରାଯାଇ ଅସହାୟ କର୍କଟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ ହୁଣ୍ଡିଦାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମା'ଙ୍କ ପାଖରେ ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ଅନୁଷ୍ଠାନର ସଦସ୍ୟସଦସ୍ୟା ମନ୍ଦିର ବାହାରେ ଲୋକଙ୍କୁ ଅସହାୟ କର୍କଟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ହୁଣ୍ଡିରେ ଦାନ କରିବାକୁ ନିବେଦନ କରିଥିଲେ । ଗତ ଫେବୃଆରୀ ୧୭ ତାରିଖରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପ୍ରଥମ ହୁଣ୍ଡିଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଗତ ଜୁନ୍ ୨୬ ତାରିଖରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ହୁଣ୍ଡିଦାନର ପ୍ରତିଦାନ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ଦୁଇଜଣ ଅସହାୟ କର୍କଟ ପୀଡ଼ିତଙ୍କୁ ଅତିଥିଙ୍କ ଦ୍ୱାରା ୧୯, ୧୦୧ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ମହାତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ସେଠୀ, ଶିଶିର କୁମାର ମହାପାତ୍ର, ଅଶୋକ କୁମାର ପାଣିଗ୍ରାହୀ, ସଦସ୍ୟା ଶକୁନ୍ତଳା ବେହେରା, ମାମାଲି ସାହୁ, ସମ୍ପାଦକ ଅଭିମନ୍ୟୁ ମିଶ୍ର ଯୋଗଦାନ କରି ସହଯୋଗ କରିଥିଲେ ।

# ଧାନତଳି ଜଗିବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

**କାଳିଆପାଣି, ୨୧।୭ (ସମିସ):** କାଳିଆପାଣି ଖଣି ଅଞ୍ଚଳ ରାଁସୋଳ ପଞ୍ଚାୟତ ଅନ୍ତର୍ଗତ ଭୀମଟାଙ୍ଗର ଗ୍ରାମର ପର୍ଶୁରାମ ମହାନ୍ତ ଗତକାଲି ଧାନ ତଳି ଜଗିବାକୁ ବିଲକୁ ଯାଇଥିଲେ । ଘର ନିକଟରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା ବିଲକୁ ସେ ସକାଳ ୧୦ଟାବେଳେ ଯାଇଥିଲେ । କିନ୍ତୁ ସେ ସେଦିନ ଘରକୁ ଫେରି ନ ଥିଲେ । ୭୦ ବର୍ଷ ବୟସ୍କ ପର୍ଶୁରାମ ମହାନ୍ତ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ଘର ଲୋକେ ଅନେକ ଖୋଜାଖୋଜି କରି ତାଙ୍କ ସନ୍ଧାନ ପାଇ ନ ଥିଲେ । ପରଦିନ ପୁଣି ଖୋଜାଖୋଜି କରିବାରୁ ତାଙ୍କ ମୃତ ଶରୀର ନିକଟରେ ଥିବା ନଦୀ ପଠାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ଘର ଲୋକଙ୍କ କହିବା ମୁତାବକ ସମ୍ଭବତଃ ସେ ଫେରିବା ସମୟରେ ବର୍ଷା ହେଉଥିଲା ଓ ନଦୀ ଉପରେ ପଡ଼ିଥିବା ପଥର ଉପରେ ଭାରସାମ୍ୟ ହରାଇ ସେ ତଳେ ପଡ଼ିଯାଇଥିଲେ ସେଠାରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା ।

## ଯାଜପୁରରୋଡ୍ ଡାକବଙ୍ଗଳା ଗଳିପୋଲ

# ବଢ଼ିଲା ଅବଧି, ଆରମ୍ଭ ହେଲା କାମ

**ବ୍ୟାସନଗର, ୨୧।୭ (ସମିସ)**

ବ୍ୟାସନଗରବାସୀଙ୍କ ଦୀର୍ଘବର୍ଷର ଦାବି ପୂରଣ ଦିଗରେ ନବୀନ ସରକାରଙ୍କ ନିଷ୍ଠା ଓ କେନ୍ଦ୍ର ନିକଟରେ ଦାବିର ସଫଳତାର ସ୍ୱାଦ ଗତ ଫେବୃଆରୀ ୨୬ ତାରିଖରେ ମିଳିଥିଲା । ଫଳରେ ଦୀର୍ଘ ବର୍ଷ ହେବ ବ୍ୟାସନଗରବାସୀଙ୍କ ଦୁଃଖ ପାଲଟିଥିବା ଯାଜପୁର-କେନ୍ଦୁଝର ରୋଡ ରେଳବାଇ ଲେବୁଲ କ୍ରସିଂରୁ ମୁକ୍ତି ମିଳିବାକୁ ଯାଉଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ସହିତ କେବେ ସାଲିସ କରୁ ନ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ରର ମୋଦୀ ସରକାର ସହଭାଗିତା ଭିତ୍ତିରେ ବ୍ୟାସନଗର ସହରର ସାଇ ମନ୍ଦିର ଲେବୁଲ କ୍ରସିଂ ନଂ୧୪୨ ନିକଟରେ ୧୦୧ କୋଟି ୪୯ ଲକ୍ଷ ୮୮ ହଜାର ୯୦୯ ଟଙ୍କା ବ୍ୟୟରେ ଏକ ରେଳ ଓଭରବ୍ରିଜ ଓ ଗଳିପୋଲ ଏବଂ ଲେବୁଲ କ୍ରସିଂ ନଂ୧୪୦ ଡାକବଙ୍ଗଳା ଛକ ନିକଟରେ ୪ କୋଟି ୮୪ ଲକ୍ଷ ୨୦ହଜାର ୯୦୯ ଟଙ୍କା ବ୍ୟୟରେ ଗଳିପୋଲ ନିର୍ମାଣ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମିଲ ହୋଇଥିଲେ । ଏ ନେଇ ଯାଜପୁର କେନ୍ଦୁଝରରୋଡ ରେଳଷ୍ଟେସନ ନିକଟରେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୂର୍ବତନ ଯାଜପୁର ଲୋକସଭା ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ପୂର୍ବତନ କୋରେଇ ବିଧାୟକ ଅଶୋକ ବଳ, ପୂର୍ବତଟ ରେଳବାଇର ଡେପୁଟି ଚିଫ୍ ଇଂଜିନିୟର(ନିର୍ମାଣ) ଏସ୍. କେ. ଆଚାର୍ଯ୍ୟ ଯୋଗ ଦେଇଥିଲେ । ଏହି ଗଳିପୋଲ କାମ ଆରମ୍ଭ ହୋଇଥିବାବେଳେ ଏହାର ଅବଧିକୁ ବଢ଼ାଯାଇଥିବା ଜଣାପଡ଼ିଛି ।

ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ଗଳିପୋଲ ଲେବୁଲ କ୍ରସିଂ ନଂ୧୪୦ ଡାକବଙ୍ଗଳା ଛକ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ



ପଶ୍ଚିମବଙ୍ଗର ଆପୋଲୋ ଏଣ୍ଟରପ୍ରାଇଜ ନାମକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ଓ ଏହି କାର୍ଯ୍ୟର ଅବଧି ୧୦ ମାସ ରହିଥିଲା । ଅର୍ଥାତ ୨୦୨୪ ନଭେମ୍ବର ୨୫ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବା ନେଇ ସମୟ ନିର୍ଘଣ୍ଟ ହୋଇଥିଲା । ତେବେ ଭିତ୍ତିଭୂମି ସର୍ଭେ ଓ ପ୍ରତିକୂଳ ପାଗ ଯୋଗୁଁ ପ୍ରାୟ ୪ ମାସ ବିଳମ୍ବରେ ଏହି ଗଳି ପୋଲ ନିର୍ମାଣ କାମ ଆରମ୍ଭ ହୋଇଛି । ପ୍ରାଥମିକ ଭାବେ ଗଳି ପୋଲ ନିମନ୍ତେ ଆବଶ୍ୟକ ହେଉଥିବା ୩୦ଟି ସିମେଣ୍ଟ ଫାର୍ମା ମଧ୍ୟରୁ ଇତିମଧ୍ୟରେ ୩ଟି ଫାର୍ମା ଶେଷ ହୋଇଥିବାବେଳେ ଗୋଟିଏ ଫାର୍ମା ଅଧାପନ୍ତରିଆ ହୋଇ ରହିଛି । ଏନେଇ ଠିକାସଂସ୍ଥା ଆପୋଲୋ ଏଣ୍ଟରପ୍ରାଇଜ କାର୍ଯ୍ୟସ୍ଥଳରେ ପ୍ରାୟ ୧୫ ଜଣ ଶ୍ରମିକଙ୍କ ସହାୟତାରେ ଗଳିପୋଲ କାମ ଚାଲୁ ରଖିଥିବା ଯାଜପୁରରୋଡ ରେଳବାଇ ୫ନଂ ପ୍ଲାଟଫର୍ମରେ ଫାର୍ମା ନିମନ୍ତେ ଆବଶ୍ୟକ ରଡ ବନ୍ଧା କାର୍ଯ୍ୟ ଦ୍ରୁତଗତିରେ ଚାଲୁରହିଛି । ତେବେ ଗଳିପୋଲ ନିମନ୍ତେ ଉର୍ଦ୍ଦିଷ୍ଟ ସମସ୍ତ ୩୦ଟି ଫାର୍ମା ନିର୍ମାଣ ପରେ ଡାକବଙ୍ଗଳା ଛକରେ ଥିବା ରେଳବାଇ ଫାଟକ ତଳେ ମାଟି ଖୋଳାଯାଇ କାର୍ଯ୍ୟାରମ୍ଭ ହେବ । ଏହାପରେ ନିର୍ମାଣ କରାଯାଇଥିବା ଏହି ଫାର୍ମାଗୁଡିକୁ ଭୂତଳରେ ବସାଯାଇ ଭୂତଳ ରାସ୍ତା ନିର୍ମାଣ କରାଯିବ ବୋଲି ଠିକାସଂସ୍ଥାର ଅଧିକାରୀ ସୂଚନା ଦେଇଛନ୍ତି ।

**ଭିତ୍ତିଭୂମି ସର୍ଭେ ଓ ପ୍ରତିକୂଳ ପାଗ ଯୋଗୁଁ ୪ ମାସ ବିଳମ୍ବ**

ତେବେ ଏହି ଗଳିପୋଲ ନିମନ୍ତେ କୌଣସି ଭଙ୍ଗା ତୁଟାର ଆବଶ୍ୟକତା ନ ଥିବା ସୂଚନା ମିଳିଛି । ସେହିପରି ଏହି କାର୍ଯ୍ୟର ଅବଧି ୧୦ ମାସ ରହିଥିଲା, ଅର୍ଥାତ ୨୫ ନଭେମ୍ବର ୨୦୨୪ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବା ନେଇ ସମୟ ନିର୍ଘଣ୍ଟ ହୋଇଥିବାବେଳେ କିଛି ବୈଷୟିକ କାରଣ ଓ ପ୍ରତିକୂଳ ପାଗ ଯୋଗୁଁ ଏହା ଆହୁରି ପ୍ରାୟ ଏକବର୍ଷ ଅଧିକ ସମୟ ଲାଗିବ ବୋଲି ଠିକାସଂସ୍ଥାର ଅଧିକାରୀ ମୃଣାଳ ଜୀ ସୂଚନା ଦେଇଛନ୍ତି । ତେବେ ଗଳିପୋଲ ନିର୍ମାଣ ସମୟରେ ପୋଲର ବିଭିନ୍ନ ସ୍ଥାନରେ ସମ୍ପ୍ (କୁଣ୍ଡ) ନିର୍ମାଣ କରାଯାଇ ବର୍ଷା ଦିନରେ ଠୁଳ ହେଉଥିବା ଜଳକୁ ବାହାରକୁ ନିଷ୍କାସନ ନିମନ୍ତେ ବ୍ୟବସ୍ଥା ରହିଥିବା ଠିକାସଂସ୍ଥା ପକ୍ଷର ସୂଚନା ମିଳିଛି । ତେବେ ଏହି ଗଳି ପୋଲ ନିମନ୍ତେ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହେବା ପରେ ବ୍ୟାସନଗର ସହର ସମତେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ଏ ନେଇ ସହରର ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ପୂର୍ବ ସରକାରର ଆନ୍ତରିକତା ଓ କେନ୍ଦ୍ର ସରକାରଙ୍କ ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ଅନ୍ୟପକ୍ଷରେ ସାଇମନ୍ଦିର ଲେବୁଲ କ୍ରସିଂ ନଂ୧୪୨ ନିକଟରେ ୧୦୧ କୋଟି ୪୯ ଲକ୍ଷ ୮୮ ହଜାର ୯୦୯ ଟଙ୍କାରେ ଏକ ରେଳ ଓଭରବ୍ରିଜ ଓ ଗଳିପୋଲ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହାର ସ୍ଥିତି ଅସ୍ପଷ୍ଟ ରହିଛି । ତେବେ କେବେ ଏହାର କାର୍ଯ୍ୟାରମ୍ଭ ହେବ ତାକୁ ନେଇ କୌଣସି ପ୍ରକାର ସୂଚନା ଦେବାକୁ ରେଳବାଇ ଅଧିକାରୀ ଉଚିତ ମଣୁ ନ ଥିବା ଜଣାପଡ଼ିଛି । ବ୍ୟୟ ଅଟକଳ କରାଯାଇଥିବା ୧୦୧ କୋଟି ୪୯ ଲକ୍ଷ ୮୮ ହଜାର ୯୦୯ ଟଙ୍କାରୁ ରାଜ୍ୟ ସରକାରଙ୍କ ୫୭ କୋଟି ୧୦ ଲକ୍ଷ ୬୭ ହଜାର ୨୫୦ ଟଙ୍କା ଅଂଶଧନ ରହିଥିବାବେଳେ ରେଳବାଇ ବା କେନ୍ଦ୍ର ଅଂଶଧନ ମାତ୍ର ୪୪ କୋଟି ୩୯ ଲକ୍ଷ ୨୧ ହଜାର ୬୫୯ ଟଙ୍କା ରହିଛି । ରେଳ ଓଭରବ୍ରିଜ ନିମନ୍ତେ ରେଳବାଇ ପକ୍ଷରୁ ୩ ଗୋଟି ସ୍ଥାନ ୫୪ ମିଟର, ୩୬ ମିଟର ଓ ୨୪ମିଟରେ ଲମ୍ବରେ ୧ ମିଟର ଚୌଡା ରହିବାକୁ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଶାଳା ପାର୍ଶ୍ୱରେ ୧୯.୩୬ ମିଟର, ୧୦ ମିଟର, ୧୮.୮୭ ମିଟର ଲମ୍ବରେ ଯଥାକ୍ରମେ ୭ ମିଟର, ୮ ମିଟର ଓ ୧ମିଟର ଚୌଡା ରହିବା ନେଇ ନକ୍ସା ପ୍ରସ୍ତୁତ ହୋଇଛି । ସେହିପରି ବସ୍‌ଷ୍ଟାଣ୍ଡ ପାର୍ଶ୍ୱରେ ୧୮.୮୭ ମିଟର ଓ ୧୦ ମିଟର ଲମ୍ବରେ ୩ ମିଟର ଏବଂ ୧୨ ମିଟର ଚୌଡାର ସ୍ଥାନ ରହିବ ବୋଲି ଜଣାପଡ଼ିଛି । ଏହି କାର୍ଯ୍ୟର ସମୟସୀମା (ରେଳବାଇ) ୧୮ ମାସ ରହିଥିବା ଜଣାପଡ଼ିଛି । ତେବେ ଏହି କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ତୁରନ୍ତ ଶେଷ କରି କାର୍ଯ୍ୟାରମ୍ଭ କରାଯିବା ନିମନ୍ତେ ସାଧାରଣରେ ଦାବି ହେଉଛି ।

# ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଆଗରେ ମଦ୍ୟପଙ୍କ ଆଡ୍ଡା




**ଯଖପୁରା, ୨୧।୭ (ସମିସ):** କଳିଙ୍ଗନଗର ଏସିଆ ମହାଦେଶର ହବ କୁହାଯାଉଥିବାବେଳେ ଏଠାରେ ସରକାରଙ୍କ ପକ୍ଷରୁ ଜିଲ୍ଲାବାସୀଙ୍କ ପାଇଁ ଅନେକ ପ୍ରକାରର ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସେଥିମଧ୍ୟରୁ ପଙ୍କପାଳ ବଙ୍ଗଳାଠାରେ ସରକାରଙ୍କ ପକ୍ଷରୁ କରାଯାଇଥିବା ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନ୍ୟତମ । ଜିଲ୍ଲାର ପ୍ରାୟ ସମସ୍ତ ସ୍ଥାନରୁ ପ୍ରଶିକ୍ଷଣ ନେବାକୁ ଛାତ୍ରଛାତ୍ରୀ ଏଠାରେ ନାମ ଲେଖାଇଥା'ନ୍ତି । ଚଳିତ ମାସ ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ସିଲାଇ ପ୍ରଶିକ୍ଷଣ ନେବା ପାଇଁ ୧୮ ରୁ ୪୫ ବର୍ଷର ହୋଇଥିବା ୩୫ ଜଣ ଯୁବତୀ ଓ ମହିଳା ନାମ ଲେଖାଇଛନ୍ତି । ସେମାନେ ଶିକ୍ଷାନୁଷ୍ଠାନରେ ରହି ପ୍ରଶିକ୍ଷଣ ନେବାକୁ ବ୍ୟବସ୍ଥା ରହିଛି । କିନ୍ତୁ କିଛି ଅସାମାଜିକ ଯୁବକ ପ୍ରଶିକ୍ଷଣ କେନ୍ଦ୍ର ସାମ୍ନାରେ ଥିବା ଡ୍ରେନ୍ ଉପରେ ବସି ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । କାରଣ ପ୍ରଶିକ୍ଷଣ କେନ୍ଦ୍ରରୁ ପ୍ରାୟ ୩୦୦ ମିଟର ଦୂରରେ ମଦ ଦୋକାନ ଥିବାରୁ ମଦ୍ୟପମାନେ ସେଠାରୁ ମଦ ଆଣି ଶିକ୍ଷାକେନ୍ଦ୍ର ଆଗରେ ଗଛ ଛାଇ ତଳେ ଥିବା ଡ୍ରେନ୍ ଉପରେ ବସି ମଦ୍ୟପାନ କରିବା ସହ ଖରାପ ଭାଷାରେ ଗାଳିଗୁଲଜ ହେଉଥିବା ଦେଖିବାକୁ ମିଳିଛି । ଏଠାରେ ବହୁବାର ଦେଖିବାକୁ ମିଳେ କି ଏହି ମଦ୍ୟପ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ ମଦ ଆଡ୍ଡା କରି ବସି ରହିଥା'ନ୍ତି । ଦିନର ପ୍ରାୟ ୧୦ଟାରୁ ଏହି ଅସାମାଜିକ କାର୍ଯ୍ୟ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁ ରହିଥାଏ । ପ୍ରଶିକ୍ଷଣ ନେଉଥିବା ଯୁବତୀ, ମହିଳାଙ୍କ ସମେତ ପ୍ରଶିକ୍ଷଣ ଦେଉଥିବା କର୍ମଚାରୀ ଭୟଭୀତ ଅବସ୍ଥାରେ ଅଛନ୍ତି । କାଳେ କେଉଁଦିନ ମଦ୍ୟପଙ୍କ ଦ୍ୱାରା କିଛି ଅଘଟଣ ଘଟିଯିବ, ତାହା କହିବା ମୁସ୍କିଲ । କଳିଙ୍ଗନଗର ପୁଲିସ ଏଥିପ୍ରତି ଦୃଷ୍ଟି ଦେଇ ମଦ ଦୋକାନକୁ ତାଗିଦ କରିବା ସହ ସେଠାରେ ମଦ୍ୟପାନ କରୁଥିବା ଅସାମାଜିକ ବ୍ୟକ୍ତିଙ୍କୁ ସାବାଡ୍ କରିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି । କଳିଙ୍ଗନଗର ପୁଲିସ ପାଟ୍ରୋଲିଂରେ ଆସିବାବେଳେ ଏ ବିଷୟରେ ବହୁବାର ଜଣାଇଥିଲେ ମଧ୍ୟ ତାହାର କିଛି ପ୍ରଭାବ ପଡୁନାହିଁ ।

# ନିତ୍ୟ ଯୋଗ ସାଧନ କେନ୍ଦ୍ର ପକ୍ଷରୁ ଗୁରୁପୂଜନ ଉତ୍ସବ



**ଯାଜପୁର, ୨୧।୭ (ସମିସ):** ପତଞ୍ଜଳି ଯୋଗ ସାଧନା କେନ୍ଦ୍ର ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ ନିତ୍ୟ ଯୋଗ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ପ୍ରାରମ୍ଭରେ ଶାରୀରିକ ବ୍ୟାୟାମ, ଯୋଗ ଓ ପ୍ରାଣାୟମ ଶେଷ ପରେ ଗୁରୁପୂଜନ କାର୍ଯ୍ୟ ଆରମ୍ଭ କରି ଗାୟତ୍ରୀ ମନ୍ତ୍ରରେ ହୋମ କରାଯିବା ସହ ଗୁରୁ ପୂଜା କରାଯାଇଥିଲା । ସଦସ୍ୟମାନେ ଗୁରୁଦକ୍ଷିଣା ପ୍ରଦାନ କରିଥିଲେ । ଯୋଗ ଗୁରୁ ମନ୍ମଥ କୁମାର ସାମଲ, ଇଂ ସରୋଜ କୁମାର ଜେନା, ଗୋପୀନାଥ ସେଠୀ ଓ ସୁବାଷ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ସମିତି ସଭାପତି ପ୍ରବୋଧ କୁମାର ନାୟକ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ପରମାନନ୍ଦ ତ୍ରିପାଠୀ, ସତ୍ୟ ମହାନ୍ତି, କିରଣ କୁମାରଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ ।

## ବିଜେଡି ଗଡ଼ ସଜାଡୁଛନ୍ତି ବବି

# ସଶକ୍ତ ବିରୋଧୀ ଦଳର ଭୂମିକା ନିର୍ବାହ ପାଇଁ ଆହ୍ୱାନ

**ବ୍ୟାସନଗର, ୨୧।୭ (ସମିସ)**

ରବିବାର ସ୍ଥାନୀୟ ହୋଟେଲ ଯଯାତି କୋର୍ଟୟାର୍ଡ ପରିସରରେ ରସୁଲପର ବ୍ଲକର ୯ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଓ କର୍ମୀଙ୍କୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଜନପ୍ରତିନିଧି ଓ କର୍ମୀଙ୍କୁ ଦିଗଦର୍ଶନ ଦେବା ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ନିର୍ବାଚନ ଆସିବ ଓ ଯିବ, କିନ୍ତୁ ମୁଁ ଆପଣଙ୍କ ସହିତ ଥିଲି ରହିଥିବି । ନବୀନ ସରକାରଙ୍କ ଅମଳରେ ଆରମ୍ଭ ହୋଇଥିବା ସମସ୍ତ ପ୍ରକଳ୍ପକୁ ସ୍ୱଚ୍ଛତା ସହ ସମ୍ପୂର୍ଣ୍ଣ କରିବା ପାଇଁ ବବି ପଞ୍ଚାୟତ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ ।

ବବି କହିଥିଲେ, ବିଜେଡି ସର୍ବଦା ଜନଗଣଙ୍କ ସମସ୍ୟା ସହ ଯୋଡ଼ି ହୋଇ ରହିବାକୁ ସଂକଳ୍ପବଦ୍ଧ । ଓଡ଼ିଶାରେ ୨୪ ବର୍ଷ ଶାସନ କାଳରେ ଜନଗଣଙ୍କ ସମସ୍ୟାର ସମାଧାନ ପାଇଁ ନବୀନ ସରକାର ସତ୍ୟନିଷ୍ଠ ଉଦ୍ୟମ କରିଆସିଛନ୍ତି । ଏଥର ବିଜେଡିକୁ ବିରୋଧୀ ଦଳର ଭୂମିକା ନିର୍ବାହ କରିବା ପାଇଁ ଜନଗଣ ଆଦେଶ ଦେଇଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ସରକାରଙ୍କଠାରୁ ଜନଗଣଙ୍କ ହକ୍ ହାସଲ ନିମନ୍ତେ ବିଜେଡି ସକରାତ୍ମକ ଓ ଦାୟିତ୍ୱବାନ ବିରୋଧୀ ଦଳର ଭୂମିକା ନିର୍ବାହ କରିବ ବୋଲି ବବି ଉପସ୍ଥିତ ଜନପ୍ରତିନିଧିଙ୍କୁ ସୂଚାଇ ଦେଇଥିଲେ । ବିଜେଡି କର୍ମୀ ବିରୋଧୀ ଦଳର ଭୂମିକାକୁ ସଫଳତା ସହ ସମ୍ପାଦନ କରିବା ସହ ଜନଗଣଙ୍କ ହକ୍ ହାସଲ ପାଇଁ ବିଜେଡି କର୍ମୀ ଲଢ଼େଇ ନିମନ୍ତେ ପ୍ରସ୍ତୁତ ହେବାକୁ ବବି ଦଳୀୟ ନେତୃବୃନ୍ଦଙ୍କୁ ଆହ୍ୱାନ ଜଣାଇଥିଲେ ।





୨୫ ବର୍ଷ ପରେ ଆମ ଦଳ କ୍ଷମତା ବାହାରେ ରହିଛି । ଆପଣମାନଙ୍କ ସହଯୋଗ ଓ ଦଳ ପ୍ରତି ନିଷ୍ଠା ରହିଲେ ଦଳ ପୁଣି ଆଗାମୀ ଦିନରେ ସରକାରକୁ ଆସିବ ବୋଲି ବବି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଦଳ ପରାଜୟ ପାଇଁ ମୁଁ ଉତ୍ତରଦାୟିତ୍ୱ ନେଇଥିବାବେଳେ ଆପଣମାନେ ସୁସଂଗଠିତ ହୋଇ ରହି ଦଳ ପାଇଁ କାର୍ଯ୍ୟ କରନ୍ତୁ ବୋଲି ପ୍ରକାଶ କରିଥଲେ । ଦଳର ସିନା ବିଧାୟକ ପ୍ରାର୍ଥିନୀ ଏଠାରେ ପରାଜୟବରଣ କରିଛନ୍ତି, କିନ୍ତୁ ପୌରପରିଷଦ ଓ ବ୍ଲକରେ ଆମ ଦଳର ପ୍ରାର୍ଥୀ ଅଧକ୍ଷା ଆସନରେ ଆସୀନ ଅଛନ୍ତି । ତେଣୁ କୌଣସି ପ୍ରକାର ଭୟ ଓ ପକ୍ଷପାତିତାରେ ପ୍ରଭାବିତ ନ ହୋଇ ରାଜ୍ୟ ଓ କୋରେଇର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବାକୁ ସେ କର୍ମୀଙ୍କୁ ଆହ୍ୱାନ କରିଥିଲେ । ଶାସକ ଦଳକୁ ଉପଯୁକ୍ତ ଜବାବ ଦେବାକୁ ତୃଣମୂଳ ସ୍ତରରୁ କର୍ମୀମାନେ ଏକ ହୋଇ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ । ସଫଳତା ଓ ବିଫଳତା ନିର୍ବାଚନର ଏକ ପ୍ରକ୍ରିୟା । ଏହା ଦୀର୍ଘସ୍ଥାୟୀ ନୁହେଁ । ସାଧାରଣ ଲୋକଙ୍କ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କଲେ ଆମେ ପୁଣି ସରକାର କରିବା ବୋଲି ବବି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ବର୍ତ୍ତମାନ ସାରା ରାଜ୍ୟରେ ମୋ' ବିରୋଧରେ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରହେଳିକା ସୃଷ୍ଟି କରି ମୋ ସମ୍ମାନ ହାନି କରିବା ସହିତ ମୋ ଚରିତ୍ର ସଂହାର କରୁଥିବାବେଳେ ମୁଁ କ'ଣ ତାହାର ପ୍ରମାଣ ଯାଜପୁର ଓ କୋରେଇବାସୀଙ୍କୁ ଦେବି ବୋଲି ସେ କହିଥିଲେ । ତେବେ ଦଳର ଏହି ନେତାଙ୍କ ଦିଗଦର୍ଶନ ପାଇବା ପରେ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ଦଳର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ନାମ ପରିବର୍ତ୍ତନ କରି ରଙ୍ଗ ମାରି କିପରି ବିଜେପି ସରକାର ରାଜନୀତି କରିବ, ତା'ର ଦୃଢ଼ ଜବାବ ଦିଆଯିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବୁ ବୋଲି ଅନେକ ଜନପ୍ରତିନିଧି ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ଯୁବ ନେତା ଆଲେକ୍‌ଜ୍ୟାଣ୍ଡର ଦାସ, ଲକ୍ଷ୍ମୀନଗର ସରପଞ୍ଚ ଇଂ. ସର୍ବେଶର ସାହୁ, ସଞ୍ଜୟ ପ୍ରଧାନ, ସତ୍ୟାନନ୍ଦ ସାହୁ, ରାଜକିଶୋର ପାଢ଼ୀ, କାହ୍ନୁଚରଣ ରଣା, ମଙ୍ଗୁଳି ରଣା, ପହଙ୍ଗା ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ଘଡ଼ାଇ, ଶ୍ରୀକାନ୍ତ ବ୍ରହ୍ମ, ତାପସ ନାୟକ, ଅଶୋକ ବେହେରା, ବିଶ୍ୱଜିତ ନାୟକ, ବଡ଼କଇଁଚି ସରପଞ୍ଚ ଅଶୋକ ମଲ୍ଲିକ, ଟିକରପଡ଼ାର ଅଲେଖ ରାଉତ, ବାହାଦଲାପୁରର ଯୁବ ନେତା ପ୍ରଶାନ୍ତ ପଣ୍ଡା, ଯୁବ ନେତା ମନୋଜ ରାଉତ, ଗନ୍ଧଣର ରୁଦ୍ରନାରାୟଣ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

### ସରକାର ବଦଳିବା ପରେ ଠିକାଦାରଙ୍କୁ ଧମକ

# ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ୍ କାମ ବନ୍ଦ



**ବଡ଼ଚଣା, ୨୧।୭ (ସମିସ)**

ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହାଠାରେ ୭୫ ଏକର ଜମିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ୨୦୧୭ ଜୁଲାଇ ୩୧ ତାରିଖରେ ତତ୍କାଳୀନ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ଓ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ତତ୍କାଳୀନ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯାଇ ଶିକ୍ଷାଦାନ କରାଯିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସରିନାହିଁ। ପରିସରରେ ଛାତ୍ରାବାସ, ଛାତ୍ରୀ ନିବାସ କାର୍ଯ୍ୟ ସରିଥିଲେ ମଧ୍ୟ ଶିକ୍ଷାଦାନ ଗୃହ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇନାହିଁ। ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବିଳମ୍ବ ହେଉଛି। ଏହି ନିର୍ମାଣ କାର୍ଯ୍ୟରେ ବାହାର ରାଜ୍ୟରୁ ତଥା ସ୍ଥାନୀୟ ଅଞ୍ଚଳରୁ ୬ ଶହରୁ ଊର୍ଦ୍ଧ୍ୱ ଶ୍ରମିକ ଶ୍ରମଦାନ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ସରକାର ପରିବର୍ତ୍ତନ ହେବା ପରେ କେତେକ ସ୍ଥାନୀୟ ଯୁବକ ଠିକାଦାରଙ୍କୁ ଚାନ୍ଦା ମାଗିବା ସହିତ ନିର୍ମାଣାଧୀନ କାର୍ଯ୍ୟ ପାଇଁ ଆବଶ୍ୟକୀୟ ସିମେଣ୍ଟ, ରଡ, ଇଟା, ବାଲି, ଚିପ୍ସ ଯୋଗାଇବା ପାଇଁ ଜିଦ୍ ଧରିଛନ୍ତି। ଏଥିରେ ଠିକାଦାର ରାଜି ନ ହେବାରୁ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦୀର୍ଘ ୬ ଦିନ ହେଲା କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ କାର୍ଯ୍ୟରତ ୬ ଶହରୁ ଅଧିକ ଶ୍ରମିକ କାମ ନପାଇ ଭୋକ ଉପାସରେ ରହିବା ସହିତ କିଛି ଶ୍ରମିକ ନିଜ ଘରକୁ ଫେରିଗଲେଣିକ୍ଷ ଏ ସମ୍ପର୍କରେ ନିର୍ମାଣ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଆଗାମୀ ଦିନରେ ଏହି ପ୍ରକଳ୍ପର ଭବିଷ୍ୟତ ନେଇ ସନ୍ଦେହ ଦେଖାଦେଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଶ୍ରାବଣ ମାସର ପ୍ରଥମ ପାଳି ପାଇଁ କାଉଡ଼ିଆଙ୍କ ଭିଡ଼



**କୟାଁଗୋଲା, ୨୧।୭ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର କୟାଁଗୋଲା ଅଭିମୁଖେ କାଉଡ଼ିଆଙ୍କ ଧାଡି ଦେଖିବାକୁ ମିଳିଛି। ଶ୍ରାବଣ ମାସ ସୋମବାରରେ ଭଦ୍ରକ ଆରଡ଼ିସ୍ଥ ବାବା ଆଖଣ୍ଡଳମଣିଙ୍କ ପୀଠରେ ଜଳାଭିଷେକ କରିବା ଲାଗି ଶହ ଶହ କାଉଡ଼ିଆ ଯାତ୍ରା କରୁଛନ୍ତି। ଯାଜପୁରର ଦଶାଶ୍ୱମେଧ ଘାଟ ଓ ବିଂଝାରପୁର ବରୁଣେଶ୍ୱର ନିକଟରୁ ପାଣି ଉଠାଇ ସେମାନେ ଯାଇଥା'ନ୍ତି। ମଙ୍ଗଳପୁର ନିକଟସ୍ଥ ଥାଲକୁଡ଼ି ପଞ୍ଚାୟତ କଲ୍ୟାଣ ମଣ୍ଡପ ମଧ୍ୟମ ସ୍ଥଳୀ ହୋଇଥିବାରୁ ସେଠାରେ କାଉଡ଼ିଆ ବିଶ୍ରାମ କରି ପୁଣି ବାବାଙ୍କ ପୀଠକୁ ଯାତ୍ରା କରିଥା'ନ୍ତି। ମଙ୍ଗଳପୁର ପୁଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିବା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ବୋଲବମ୍ ଭକ୍ତଙ୍କ ପାଇଁ ମହାବିନାୟକ ପୀଠରେ ପ୍ରସ୍ତୁତି

**ବଡ଼ଚଣା, ୨୧।୭ (ସମିସ):** ଆସନ୍ତାକାଲି ଶ୍ରାବଣ ମାସର ପ୍ରଥମ ସୋମବାର। ଏଥିପାଇଁ ପ୍ରତ୍ୟେକ ଶୈବ ପୀଠ ଚଳଚଞ୍ଚଳ ହୋଇ ଉଠିଛି। କାଉଡ଼ିଆ ଭକ୍ତଙ୍କ ବୋଲବମ୍ ଡାକରେ ପ୍ରକମ୍ପିତ ହେଉଛି ରାସ୍ତାଘାଟ। ଏକ ମାସ ଧରି ଚାଲିବାକୁ ଥିବା ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ମହାବିନାୟକ ପୀଠରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ କାଉଡ଼ିଆ ମହାବିନାୟକଙ୍କ ଉପରେ ଜଳାଭିଷେକ କରିବା ପାଇଁ ଏଠାକୁ ଆସିଥା'ନ୍ତି। ଜଳାଭିଷେକ କାର୍ଯ୍ୟକୁ ଶାନ୍ତିଶୃଙ୍ଖଳା କରିବା ପାଇଁ ମନ୍ଦିର ପରିଚାଳନା କମିଟି ଓ ବଡଚଣା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାଉଡ଼ିଆଙ୍କ ସୁରକ୍ଷା ପାଇଁ ବଡଚଣା ପୁଲିସ୍ ପକ୍ଷରୁ ଏକ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା କରାଯାଉଛି। ଏହି ପ୍ରସ୍ତୁତି ବୈଠକରେ ବଡ଼ଚଣା ଥାନାଧିକାରୀ ଶ୍ରୀକାନ୍ତ ବାରିକ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଅସିତ କୁମାର ବଳବନ୍ତରାୟ, ମହାଦେବ ପ୍ରାସାଦ ପଣ୍ଡା, ଦିନେଶ କୁମାର ପଣ୍ଡା ସମେତ ବହୁ ସେବାୟତ ଯୋଗଦେଇଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

**ବ୍ୟାସନଗର, ୨୧।୭ (ସମିସ):** ଯାଜପୁରରୋଡ ଆଦର୍ଶ ଥାନା ନିକଟରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। କୁଆଁରଦା ଗୋଲେଇ ଛକରେ ରହୁଥିବା ଭଦ୍ରକ ଜିଲ୍ଲା ବନ୍ତ ଅଞ୍ଚଳର ସୁଶୀଲ କୁମାର ସାହୁ(୩୭) ଓ ତାଙ୍କ ଶଳା ସୌମ୍ୟରଞ୍ଜନ ରାଉତ (୩୨) ପରିବାରର ଏକ ଉତ୍ସବ ନିମନ୍ତେ କିଛି ସାମଗ୍ରୀ କିଣି ସ୍କୁଟିରେ କହ୍ନେଇପୁରରୁ ଘରକୁ ଫେରୁଥିବା ସମୟରେ ଯାଜପୁରରୋଡ ଥାନା ନିକଟସ୍ଥ ବଜରଙ୍ଗ ଦଳ ଅଫିସ ନିକଟରେ ଏକ ଚାରିଚକିଆ ଇକୋ ସ୍ପୋର୍ଟସ ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ଓ ପୁଲିସ ସହାୟତାରେ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ସିଦ୍ଧେଶ୍ୱର ପୀଠରେ ଗୁରୁପୂର୍ଣ୍ଣିମା ଓ ମହାଭିଷେକ



**କବାଟବନ୍ଧ, ୨୧।୭ (ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରା ବେଢ଼ା ପର୍ବତ ଶ୍ରୀଗୁରୁ ଆଶ୍ରମ ସିଦ୍ଧେଶ୍ୱର ପୀଠରେ ରବିବାର ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସ୍ୱତନ୍ତ୍ର ପୂଜାନୀତି ଓ ହୋମଯଜ୍ଞ ସହ ମହାଭିଷେକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ଆଶ୍ରମର ପ୍ରାଣ ପ୍ରତିଷ୍ଠାତା ପରମ ଗୁରୁଦେବ ବ୍ରହ୍ମଲୀନ ସନ୍ଥ ଶିରୋମଣି ବାବା ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ସମାଧି ସ୍ଥଳରେ ପ୍ରାତଃ ସ୍ୱତନ୍ତ୍ର ପୂଜାନୀତି ଓ ମହାସ୍ନାନ ସମ୍ପନ୍ନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଉପସ୍ଥିତ ହୋଇ ଗୁରୁପୂଜନ କରିବା ସହ ସ୍ୱାମୀଜୀଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଏହା ପରେ ଆଶ୍ରମର ଅଧିଷ୍ଠାତା ମହାଦେବ ସିଦ୍ଧେଶ୍ୱରଙ୍କ ମହାଭିଷେକ, ରୁଦ୍ରାଭିଷେକ ଓ ହୋମଯଜ୍ଞ ରୀତିନୀତି ଅନୁସାରେ ସମ୍ପନ୍ନ କରାଯାଇଥିଲା। ଶ୍ରୀଗୁରୁ ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରଘୁନାଥ ସାହୁ କର୍ତ୍ତା ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାବା ବାମନ ଦାସ, ପଣ୍ଡିତ ଦାମୋଦର ରଥ, ନିଶିକାନ୍ତ ରଥ, ସତ୍ୟାନନ୍ଦ ମିଶ୍ର, ମହେଶ୍ୱର ପଣ୍ଡା ପ୍ରମୁଖ ସାମିଲ ଥିଲେ। ଗୁରୁ ପୂଜନ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସଚେତନ ନାଗରିକ ମଞ୍ଚ ଆବାହକ ଇଂ ସରୋଜକାନ୍ତ ବେହେରା, ସାମ୍ବାଦିକ ବସନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଗୁରୁପୂର୍ଣ୍ଣିମା ଉପଲକ୍ଷେ ଭକ୍ତିରଥ ପରିକ୍ରମା



**ବାଲିଚନ୍ଦ୍ରପୁର, ୨୧।୭ (ସମିସ):** ପବିତ୍ର ଗୁରୁପୂର୍ଣ୍ଣମୀ ଉପଲକ୍ଷେ ଆଜି ବାଲିଚନ୍ଦ୍ରପୁର ବଜାର ନିକଟ କୁସୁପୁରସ୍ଥ ଶିରିଡି ସାଇ ମନ୍ଦିରରୁ ଭକ୍ତିରଥ ପରିକ୍ରମା ଉତ୍ସବ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇପ୍ରେମୀ ସୌଭାଗ୍ୟ ଶଙ୍କର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଭକ୍ତିରଥ ପରିକ୍ରମାରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଭକ୍ତିରଥ କୁସୁପୁର ଗ୍ରାମ ସହିତ ବାଲିଚନ୍ଦ୍ରପୁର ବଜାର ଓ ନାନପୁରପଟଣା ଗ୍ରାମ ପରିକ୍ରମା କରିଥିଲା। ଏ ଅବସରରେ ଶିରିଡି ସାଇ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ବିଭିନ୍ନ ଗଛର ଚାରାରୋପଣ କରାଯାଇଥିଲା।

## ଚୋରି ପାଇପ୍ ଉଦ୍ଧାର, ୩ କୋର୍ଟ ଚାଲାଣ

**ଦାନଗଦି, ୨୧।୭ (ସମିସ):** ଦାନଗଦି ଫାଣ୍ଡି ନିକଟସ୍ଥ ସୋଲେଇ ଗାଁରୁ ଲୁହା ପାଇପ ଚୋରି ଘଟଣାରେ ଦାନଗଦି ଫାଣ୍ଡି ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୨୦ ପିସ ପାଇପ ଓ ଏକ ପିକଅପ ଭ୍ୟାନ ଗାଡ଼ିକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଦାନଗଦିର ବଟକୃଷ୍ଣ ବରାଳଙ୍କ ପୁଅ ରବି ବରାଳ, ରବି ବରାଳଙ୍କ ପୁଅ ସୁରଜ ବରାଳ, ଶରତ ଚନ୍ଦ୍ର ପାତ୍ରଙ୍କ ପୁଅ ସିଲୁ ପାତ୍ର। ପୁଲିସ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ଜମିବାଡ଼ିକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ; ୧୦ରୁ ଊର୍ଦ୍ଧ୍ୱ ଆହତ



**ବିଂଝାରପୁର, ୨୧।୭ (ସମିସ):** ବିଂଝାରପୁର ଥାନା ଅନ୍ତର୍ଗତ ଛନ୍ଦାମୁଣ୍ଡ ଗାଁରେ ଜମିବାଡି ବିବାଦକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଦେଖାଦେଇଛି। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ପକ୍ଷରୁ ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ବିଂଝାରପୁର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଗାଁର ହରିଶ୍ଚନ୍ଦ୍ର ସାହୁ ଓ ଧୋଇଚରଣ ବେହେରାଙ୍କ ମଧ୍ୟରେ ଜମିବାଡି ବିବାଦକୁ କେନ୍ଦ୍ର କରି ବିବାଦ ଲାଗି ରହିଛି। ବାରମ୍ବାର ଉଦ୍ୟମ ସତ୍ତ୍ୱେ ବିବାଦର ସମାଧାନ ହୋଇପାରୁନି। ପୋଲିସ ନିକଟରେ ହୋଇଥିବା ଅଭିଯୋଗ ମୁତାବକ ହରିଶ୍ଚନ୍ଦ୍ରଙ୍କ ପତ୍ନୀ ମମତା ସକାଳୁ ଘରୁ ବାହାରିବାବେଳେ ଧୋଇଚରଣ ଘର ସାମ୍ନାରେ ବାଡ ବୁଜୁଥିବା ଦେଖିଥିଲେ। ମନା କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ଓ ପରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷର ୧୦ରୁ ଅଧିକ ଆହତ ହୋଇ ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ; ଧର୍ମଶାଳା ଚାମ୍ପିଅନ୍

**ଯାଜପୁର, ୨୧।୭ (ସମିସ):** ଯାଜପୁର ବିରଜା କଲ୍ୟାଣ ମଣ୍ଡପ ପରିସରରେ ତୃତୀୟ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନ ଓ ମାର୍ଶାଲ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ଯାଜପୁର ପୌରପାଳିକାର ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।



ରାଜ୍ୟ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚାମ୍ପିଅନସିପରେ ଜିଲ୍ଲାର ବିଭିନ୍ନ କୋଣରୁ ୧୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ସମ୍ପାଦକ ଯଯାତୀ କେଶରୀ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନ କରି ରାଜ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହେବା ସହ ଯାଜପୁରର ନାମ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ପୌରପାଳିକା ପୌରାଧକ୍ଷା ରଞ୍ଜୁଲତା ହୋତା, ସମ୍ମାନିତ ଅତିଥି ଭାବେ ସଂଘର ଉପସଭାପତି ରଘୁନାଥ ରାଉତ ପ୍ରମୁଖ ଯୋଗ ଦେଇ ଜିଲ୍ଲାର ୭ ଜଣ ଅବସରପ୍ରାପ୍ତ ସେନାନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଚାମ୍ପିଅନସିପର କିଓରୋଗି ଓ ପୁମସେ ବିଭାଗରେ ଧର୍ମଶାଳା ତାଏକ୍ୱୋଣ୍ଡୋ ସଂଘ ଚାମ୍ପିଅନ ହୋଇଥିବାବେଳେ ଯାଜପୁର ମାର୍ଶାଲ ଆର୍ଟ ଏକାଡେମୀ ଓ ମା' ବିରଜା ସଂଘ ରନର୍ସଅପ ହୋଇଥିଲା।

## ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ, ଜଣେ ଗୁରୁତର

**ସୁକିନ୍ଦା, ୨୧।୭ (ସମିସ):** ଜମିବାଡ଼ି ବିବାଦକୁ କେନ୍ଦ୍ରକରି ରାଙ୍କିଆରେ ଗଣ୍ଡଗୋଳ ଘଟି ଜଣେ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୁକିନ୍ଦା ଥାନା ଅନ୍ତର୍ଗତ ରାଙ୍କିଆ ଗ୍ରାମ ସୁଦର୍ଶନ ମହାନ୍ତଙ୍କ ପୁଅ ନଣ୍ଡା ମହାନ୍ତ ଓ କଣ୍ଟାପାଳ ଗ୍ରାମର ନଟବର ମହାନ୍ତଙ୍କ ପୁଅ କୁଳମଣି (୩୫)ଙ୍କ ମଧ୍ୟରେ ଆମ୍ବପାଳ ପାଖ ଚାଷ ଜମିରେ ଗଣ୍ଡଗୋଳ ହୋଇଥିଲା। ସେହି ସମୟରେ ନଣ୍ଡା ଏକ ଫାଉଡାରେ କୁଳମଣିଙ୍କୁ ଆକ୍ରମଣ କରିଥିଲା। ଯେଉଁଥିରେ କୁଳମଣି ଆହତ ହୋଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା କୁଳମଣିଙ୍କ ପତ୍ନୀ ଦିପାଳୀ ସୁକିନ୍ଦା ଥାନାରେ ଅଭିଯୋଗ କରିଛନ୍ତି। କୁଳମଣିଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ବିଞ୍ଝାରପୁର, ୨୧।୭ (ସମିସ):** ବିଞ୍ଝାରପୁର ଥାନାରେ ରବିବାର ସନ୍ଧ୍ୟାରେ ନୂତନ ଥାନା ଅଧିକାରୀ ଭାବେ ବାମଦେବ ନନ୍ଦ ଯୋଗଦାନ କରିଛନ୍ତି। ଶ୍ରୀ ନନ୍ଦ ପୂର୍ବରୁ ଯାଜପୁର ଜିଲ୍ଲାର ମଙ୍ଗଳପୁର, ସୁକିନ୍ଦା ଥାନାରେ ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରିଥିବା ଜଣାପଡ଼ିଛି। ରବିବାର ବିଞ୍ଝାରପୁର ଥାନାରେ ଅଧିକାରୀ ଶ୍ରୀ ନନ୍ଦ ପହଞ୍ଚି ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳାକୁ ସେ ପ୍ରାଥମିକତା ଦେବା ସହ ଜନସାଧାରଣଙ୍କ ସହଯୋଗ କାମନା କରିବେ। ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ। ଏ ଅବସରରେ ବିଜୁ ଜନତା ଦଳ ବିଂଝାରପୁର ବ୍ଲକ ଉପସଭାପତି ସୁଖରଞ୍ଜନ ପରିଡ଼ା ଓ ତାଙ୍କ ସହଯୋଗୀ ଥାନା ଅଧିକାରୀଙ୍କୁ ଭେଟି ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରେସ୍ କ୍ଲବ୍ ଓ ରୋଟାରୀ କ୍ଲବ୍ ପକ୍ଷରୁ ସଫେଇ



**ଜାରକା, ୨୧।୭ (ସମିସ):** ଧର୍ମଶାଳା ପ୍ରେସ୍ କ୍ଲବ ଓ ଜାରକା ରୋଟାରୀ କ୍ଲବ୍ ପକ୍ଷରୁ ଆଜି ସଫେଇ କାର୍ଯ୍ୟକ୍ରମ କରାଯାଇଛି। ପ୍ରେସ କ୍ଲବ୍‌ର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀଙ୍କ ତତ୍ତ୍ୱାବଧାନରେ ଆଜି ସକାଳୁ ପ୍ରେସ କ୍ଲବର ସଦସ୍ୟ ଓ ରୋଟାରୀ କ୍ଲବର ସଦସ୍ୟ ଏକତ୍ରୀତ ହୋଇ ପ୍ରେସ କ୍ଲବ ସମ୍ମୁଖ ରାସ୍ତା ଓ ପ୍ରେସ କ୍ଲବ ପରିସରରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ରୋଟାରୀ କ୍ଲବ ପକ୍ଷରୁ ପ୍ରଦୀପ ବରାଳ, ପରମାନନ୍ଦ ସାମଲ, ପ୍ରଶାନ୍ତ କୁମାର ପୃଷ୍ଟି ଓ ପ୍ରେସ କ୍ଲବର ସଦସ୍ୟ ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ସୁବ୍ରତ ଜେନା, କିଶୋର ରାଉତ, ଗିରିଧାରୀ ବେହେରା, ସମାଜସେବୀ ପ୍ରସନ୍ନ ପ୍ରଧାନ ପ୍ରମୁଖ ସଫେଇ କରିଥିଲେ।

## ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



**ଶଙ୍ଖଚିଲା, ୨୧।୭ (ସମିସ):** ରସୁଲପୁର ଶିକ୍ଷା ମଣ୍ଡଳ ଅଧୀନସ୍ଥ ଲକ୍ଷ୍ମୀନଗର ସାଧନ କେନ୍ଦ୍ରସ୍ଥ ଭିକିପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ପ୍ରଧାନଙ୍କ ୫୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଗତ ଆଠଦିନ ଧରି ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଆସୁଥିଲେ। ଗତକାଲି ସନ୍ଧ୍ୟାରେ ତାଙ୍କର ବିୟୋଗ ହୋଇଥିଲା। ପ୍ରଧାନଙ୍କ ଅକାଳ ବିୟୋଗରେ ସମଗ୍ର ଶିକ୍ଷାମଣ୍ଡଳରେ ଶୋକର ଛାୟା ଖେଳିଯାଇଛି। ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ରଥ, କୁଳମଣି ସ୍ୱାଇଁ, ପୂର୍ବତନ ସରପଞ୍ଚ ଅତୁଲ୍ୟ ପ୍ରଧାନ, ଶିକ୍ଷକ ବିଜୟ କୁମାର ଭଦ୍ର, ଚିତ୍ତରଞ୍ଜନ ରଥ, ଦେବରାଜ ମିଶ୍ର, ମହେନ୍ଦ୍ର ମଲିକ, ଦିବାକର ସାହୁ, ଅରୁଣ ସ୍ୱାଇଁ, ନୀଳମଣି ଲେଙ୍କା, ରବୀନ୍ଦ୍ର ମହାନ୍ତି, ସୁଶାନ୍ତ ସାହୁ, କାର୍ତ୍ତିକ ଭୂୟାଁ, ଶୁକଦେବ ସାହୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ମୁଖାଗ୍ନି ଦେଇଥିଲେ।

### ରାଜ୍ୟସ୍ତରୀୟ ମହାବିନାୟକ କବିତା ଉତ୍ସବ

# 'ଜନଜୀବନକୁ ପ୍ରଭାବିତ କରୁଥିବା ସାହିତ୍ୟ ହିଁ କାଳଜୟୀ'

**ଜାରକା, ୨୧।୭ (ସମିସ)**



ଯେଉଁ ସାହିତ୍ୟ ଆମ ଜନଜୀବନକୁ ପ୍ରଭାବିତ କରେ, ତାହା ହିଁ କାଳଜୟୀ ସାହିତ୍ୟ ବୋଲି ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ କବିତା ଉତ୍ସବରେ ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ସାହିତ୍ୟ ଦର୍ପଣ ପତ୍ରିକା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କବିତା ଉତ୍ସବକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରି ଧର୍ମଶାଳା ଏକ ଅନନ୍ୟ ମାଟି। ଏ ମାଟିର ସାହିତ୍ୟ ଓ ସଂସ୍କୃତି ଅନ୍ୟକୁ ଦିଗଦର୍ଶନ ଦିଏ ବୋଲି କହିବା ସହ ସାହିତ୍ୟ, ସଂସ୍କୃତିର ସୁରକ୍ଷା ପାଇଁ ସେ ସବୁବେଳେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଜନଜୀବନକୁ ଯେଉଁ ସାହିତ୍ୟ ଉଦ୍‌ବୁଦ୍ଧ କରେ, ତାହା କାଳଜୟୀ ବୋଲି କହିଥିଲେ। ସାହିତ୍ୟ ଦର୍ପଣ ପତ୍ରିକାର ମୁଖ୍ୟ ସମ୍ପାଦକ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଥା ସୃଜନର କଥା ଜୀବନର କାର୍ଯ୍ୟକ୍ରମରେ ଅତିଥି ଭାବେ ଶାରଳା ପୁରସ୍କାର ବିଜେତା ବିଶିଷ୍ଟ ଗାଳ୍ପିକ ଭୀମ ପୃଷ୍ଟି, ବିଶିଷ୍ଟ କବି ଅଭୟ ନାୟକ ଯୋଗ ଦେଇ ନିଜ ସୃଜନ ଜୀବନର ଅନନ୍ୟ ଅନୁଭବକୁ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ଚିତ୍ତରଞ୍ଜନ ନାୟକ, କବି ଡକ୍ଟର ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ସଞ୍ଚାଳନ କରିଥଲେ। ଏହି ଅବସରରେ ମୁଖ୍ୟଅତିଥି ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଗାଳ୍ପିକା ଟୁନିଲତା ବିଶ୍ୱାଳ, କବି ଲାବଣ୍ୟ ନାୟକ, ପ୍ରବୀଣ କୁମାର କବି, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଡକ୍ଟର ବିଜୟ କୁମାର ଶତପଥୀ, ଶାନ୍ତିଲତା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା 'ହାଲୋ ମୁଁ ବାପା କହୁଛି' ପୁସ୍ତକ ଉନ୍ମୋଚିତ ହେବା ସହ ପତ୍ରିକାର ସମ୍ପାଦକ ବିମଳ ପତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ରାଜ୍ୟସ୍ତରୀୟ କବିତା ଉତ୍ସବରେ କବି ଡକ୍ଟର ରାଜକିଶୋର ପାଢ଼ୀ ଅଧ୍ୟକ୍ଷତା କରିଥିବାବେଳେ ଡକ୍ଟର ଉଷା ଶତପଥୀ, ସୁରଞ୍ଜନ ପାତ୍ର, ଶୁଚେତା ନନ୍ଦ ସଂଯୋଜନା କରିଥିଲେ। ଏହି କବିତା ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୪ ଜଣ ନିମନ୍ତ୍ରିତ କବି ଯୋଗ ଦେଇ କବିତା ଆବୃତ୍ତି କରିଥିଲେ। ଉତ୍ସବରେ ପ୍ରିୟଦର୍ଶିନୀ ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ମନୋରଞ୍ଜନ ମିଶ୍ର, ସୁଶାନ୍ତ କୁମାର ସାହୁ, ବ୍ରଜରାଜ ତ୍ରିପାଠୀ, ବରଦା ପ୍ରସନ୍ନ ତ୍ରିପାଠୀ, ତରୁଣ ତୋଫାନ ତ୍ରିପାଠୀ ଉତ୍ସବ ପରିଚାଳନା କରିଥଲେ। ଏହି ଉତ୍ସବରେ ଧର୍ମଶାଳା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ତହସିଲରୁ କଲେଜ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଦାବି

ଧାମନଗର, ୨୧।୭ (ସମିସ)



ରାଜ୍ୟର ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି। ଯାହାଫଳରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ଯାଗାର ଉଚ୍ଛେଦ ବୁଲଡୋଜର ଲଗାଇ ଭଙ୍ଗାଯାଉଥିବାର ଖବର ପ୍ରତ୍ୟେକ ଦିନ ବିଭିନ୍ନ ଗଣମାଧ୍ୟମର ମୁଖ୍ୟ ଖବର ପାଲଟିଛି। ହେଲେ ଧାମନଗର ସହର ଓ ବ୍ଲକ ଅଞ୍ଚଳରେ ଏହାର ବିପରୀତ ବା ପାତରଅନ୍ତର ଦେଖିବାକୁ ମିଳୁଛି। ଧାମନଗର ରାଜସ୍ୱ ସର୍କଲ ଅଧୀନ ତହସିଲ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଐତିହାସିକ ବହୁ ପୁରାତନ ଜଗୁ ସାଗର ପୋଖରୀର ତିନି ପାର୍ଶ୍ୱରେ ଫିସରୀ ଜମି ଉପରେ ଦୋକାନ ଓ ବାସଗୃହ ନିର୍ମାଣ, ଥାନା ଗେଟ ସମ୍ମୁଖରେ ମାର୍କେଟ କମ୍ପ୍ଲେକ୍ସ, ମେଡିକାଲ ବଜାର ନିକଟସ୍ଥ ପୂର୍ବ ପଞ୍ଚାୟତ କାର୍ଯ୍ୟାଳୟର ସରକାରୀ ଜମି ଉପରେ ମହାପାତ୍ର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ପଶୁ ସମ୍ପଦ ଚିକିତ୍ସା କେନ୍ଦ୍ରର ସରକାରୀ ଜମି ଉପରେ କୋଠା ଘର ନିର୍ମାଣ, ସାନ ବଜାର ଛକରୁ ତେଲ ଟାଙ୍କି, କୋର୍ଟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସରକାରୀ ଜମି ଉପରେ କେନାଲକୁ ପୋତି ଦୋକାନ ଘର ନିର୍ମାଣ କରି ଭଡ଼ା ଆଦାୟ କରାଯାଉଥିବାର ଅଭିଯୋଗ ହେଉଛି। ସେହିପରି ବାଲେଶ୍ୱର, ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗୃହ, ୟୁକୋ ବ୍ୟାଙ୍କ ଗୃହ, ବଡ଼ ବଜାର, ଟ୍ରେକର ଷ୍ଟାଣ୍ଡ, ଜାହାଙ୍ଗିର ରୋଡ଼ ଧନୀ ଛକ, ସେଠୀସାହି ଛକ, ଦକ୍ଷିଣବାଡ଼ ଛକ, ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲରେ ଥିବା ଫିସରୀ, ଗୋଚର, ଅନାବାଦୀ ଓ ବିଭିନ୍ନ କିସମର ଜମି ୧୯୮୦ ମସିହା ପୂର୍ବରୁ ସରକାରୀଙ୍କ ଅଧିନରେ ଥିଲା। କିନ୍ତୁ ଏବେ କେତେକ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତି ହାତପଟା ହାତେଇ ସେଠାରେ ଜୋରଜବରଦସ୍ତ ଦୋକାନ ଘର ନିର୍ମାଣ କରି ଗତ କିଛି ବର୍ଷ ଧରି ଭଡ଼ା ଖାଇ ଚାଲିଛନ୍ତି। ଏ ସମ୍ପର୍କରେ ଧାମନଗର ଜନସାଧାରଣ ଓ ବୁଦ୍ଧିଜୀବୀ ସରକାରୀ ଜମିକୁ ଉଦ୍ଧାର ଲାଗି ୨୦୨୧ରେ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ କରି ଖୁବଶୀଘ୍ର ଉଚ୍ଛେଦ କରିବା ପାଇଁ ଲିଖିତ ଅଭିଯୋଗ ସହିତ ଦାବି କରିଥିଲେ। ହେଲେ ରାଜନୈତିକ ଚାପରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ବନ୍ଦ ଥିଲା। ଫଳରେ ଦିନକୁ ଦିନ ଧାମନଗର ସାନବଜାରଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଜବର ଦଖଲ ବଢ଼ି ଚାଲିଛି। ବର୍ତ୍ତମାନ ସମ୍ପୂର୍ଣ୍ଣ ଧାମନଗର ବଜାର ଜବର ଦଖଲକାରୀଙ୍କ କବ୍‌ଜାରେ ଅଣନିଃଶ୍ୱାସୀ ପାଲଟିଛି। ଯାହା ଫଳରେ ପ୍ରତ୍ୟେକଦିନ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହାକୁ ଏଡାଇବାକୁ ଯାଇ ପୁଲିସକୁ ଦୀର୍ଘ ସମୟ ନାକେଦମ ହେବାକୁ ପଡୁଛି।

ତେବେ ରାଜ୍ୟରେ ସରକାରୀ ଜମିକୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିବା ବେଳେ ଏ ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ସରକାରୀ ଜମି ଉପରେ କେଉଁମାନେ ଘର ନିର୍ମାଣ ସହ ଜବରଦଖଲ କରିଛନ୍ତି; ସେମାନଙ୍କର ତଦନ୍ତ କରି ସଠିକ ରିପୋର୍ଟ ଦେବା ପାଇଁ ଧାମନଗର ଆର୍‌ଆଇକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଦାଖଲ ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ ବୋଲି ତହସିଲଦାର ଦୀପକ ଦାସ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଏ ସମସ୍ତ ଘଟଣାର ନିରପେକ୍ଷତା ତଦନ୍ତ କରାଗଲେ ସବୁ ସତ୍ୟତା ପଦାକୁ ଆସିବ ବୋଲି ସାଧାରଣରେ ଦାବି କରିଛନ୍ତି। ତେବେ ଆର୍‌ଆଇ ନିରପେକ୍ଷ ତଦନ୍ତ ରିପୋର୍ଟ ଦେଉଛି ନା ପାତରଅନ୍ତର କରୁଛି ସମୟକୁ ଅପେକ୍ଷା। ଏପଟେ ମୁଖ୍ୟମନ୍ତ୍ରୀ ସରକାରୀ ଜମିକୁ ସୁରକ୍ଷା ଓ ଜବରଦଖଲ ଉଚ୍ଛେଦ ଘୋଷଣା କରିବା ପରେ ସ୍ଥାନୀୟ ଲୋକେ ଚାହିଁ ବସିଛନ୍ତି ଧାମନଗର ତହସିଲଦାର କି ପ୍ରକାର ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା।

■ **ବାରମ୍ବାର ବିଦ୍ୟୁତ୍‌କାଟ୍‌ରେ ଅତିଷ୍ଠ ଲୋକେ**

# ବିଦ୍ୟୁତ୍ ଉପକେନ୍ଦ୍ରରେ ତାଲା ପକାଇଲେ



**ଭଦ୍ରକ, ୨୧।୭ (ସମିସ):** ବାରମ୍ବାର ବିଦ୍ୟୁତ୍‌କାଟ୍‌ରେ ଅତିଷ୍ଠ ହୋଇ ଗ୍ରାହକ ମାନେ ବିଦ୍ୟୁତ ଉପକେନ୍ଦ୍ରରେ ପକାଇଲେ ତାଲା। ଏଭଳି ଘଟଣା ଘଟିଛି ଭଦ୍ରକ ସ୍ଥିତ ବିଜେ ଗଙ୍ଗାଧରପୁର ବିଦ୍ୟୁତ ଉପକେନ୍ଦ୍ର ଠାରେ। ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ ଟାଟା କମ୍ପାନୀ ବିଦ୍ୟୁତ୍ ବିଭାଗକୁ ନେବା ଠାରୁ ବିଲ୍ ଦୁଇରୁ ତିନି ଗୁଣା ବଢ଼ି ଯାଇଛି। ସେହିପରି ପାୱାର କଟ୍ ମଧ୍ୟ ପୂର୍ବ ଠାରୁ ୧୦ ଗୁଣା ବଢ଼ି ଯାଇଛି। କଳା ମେଘ ଦେଖି କଟୁଛି କରେଣ୍ଟ। ପାୱାରକଟ୍ ହେଲେ ବିଭାଗୀୟ କର୍ତ୍ତୃପକ୍ଷ ତାହାର ସଠିକ୍ ବିବରଣୀ ଦେଉନାହାନ୍ତି। ଅନେକ ସମୟରେ କଲ୍ ମଧ୍ୟ ଉଠାଉ ନାହାନ୍ତି। ବେଳେ ବେଳେ ଲାଇନ୍ ମ୍ୟାନ କଲ୍ ଉଠାଇ ଗୋଟିଏ ସ୍ଥାନରେ ହୋଇଥିଲେ ଅନ୍ୟ ଏକ ସ୍ଥାନର ନାମ କହୁଛନ୍ତି ବୋଲି ଗ୍ରାହକ ମାନେ ଅଭିଯୋଗ କରିଛନ୍ତି। ଯଦି ଏହାର ସମାଧାନ ଯଥାଶୀଘ୍ର କରା ନ ଯାଏ ତେବେ ଆଗାମୀ ଦିନରେ ତାଲା ବନ୍ଦ ସହ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଅପର ପକ୍ଷରେ ବିଭାଗୀୟ ଅଧିକାରୀ ଏହାର ତୁରନ୍ତ ସମାଧାନ କରାଯିବ ବୋଲି ଗ୍ରାହକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ପାୱାରକଟ୍‌ରୁ ସାଧାରଣ ଲୋକେ ତ୍ରାହି ପାଉଛନ୍ତି କି ନାହିଁ ଏହା ଦେଖିବାକୁ ବାକି ରହିଲା

# ନୂତନ ଗୃହ ଉଦ୍‌ଘାଟନକୁ ୧୪ବର୍ଷ ପୂରିଲା ବଦଳୁନି ବନ୍ତ ତହସିଲର ରୂପରେଖ

**ବନ୍ତ/ଆଗରପଡ଼ା, ୨୧।୭ (ସମିସ):** ବନ୍ତ ତହସିଲର ପ୍ରତିଷ୍ଠାକୁ ଇତି ମଧ୍ୟରେ ୨୭ ବର୍ଷ ପୂରିବା ସହ ନୂତନ ଗୃହ ନିର୍ମାଣର ଉଦ୍‌ଘାଟନକୁ ୧୪ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ରୂପରେଖରେ କୌଣସି ପରିବର୍ତ୍ତନ ହୋଇପାରୁନଥିବାରୁ ଏହା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଉକ୍ତ କାର୍ଯ୍ୟାଳୟ ଉପରେ ୬ଟି ଆର୍‌ଆଇ ସର୍କଲ, ୨୦୬ଟି ରାଜସ୍ୱ ଗ୍ରାମର ଏକଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ନିର୍ଭର କରିଥାନ୍ତି। ବର୍ଷବର୍ଷ ଧରି କର୍ମଚାରୀଙ୍କ ଅଭାବ ପରିପୂରଣ ହୋଇପାରୁନଥିବାରୁ ଏହି କାର୍ଯ୍ୟାଳୟ ଅଧୀନରେ ୧୪ରୁ ଉର୍ଦ୍ଧ୍ୱ ବିଭାଗ ଥିବା ବେଳେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ମଧ୍ୟ ହୋଇପାରୁନଥିବା ପରିଲକ୍ଷିତ ହେଉଛି। ଫଳରେ ବିଭିନ୍ନ କାର୍ଯ୍ୟନେଇ ତହସିଲକୁ ଆସୁଥିବା ଲୋକେ ନିରାଶରେ ଫେରୁଛନ୍ତି। ଏହି କାର୍ଯ୍ୟାଳୟରେ କିରାଣି ଓ ଅମିନଙ୍କ ଅଭାବ ଦୀର୍ଘବର୍ଷ ହେବ ପରିଲକ୍ଷିତ ହେଉଛି। ଆବଶ୍ୟକୀୟ କର୍ମଚାରୀ ଅଭାବରୁ ବର୍ଷବର୍ଷ ଧରି ପଡ଼ିରହିଥିବା ମାମଲାର ବିଚାରରେ ଅହେତୁକ ବିଳମ୍ବ ହେଉଛି। ଉକ୍ତ କାର୍ଯ୍ୟାଳୟରେ ଚାରିଜଣ ଅମିନଙ୍କ ଆବଶ୍ୟକତା ଥିବା ବେଳେ ଦୁଇଜଣ ଅମିନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦନରେ ସମସ୍ୟା ଦେଖାଯାଉଛି। ପୂର୍ବ ବର୍ଷରୁ ପଡ଼ିରହିଥିବା ଶତାଧିକ ଡିମାର୍କେସନ ମାମଲାର ଫଇସଲା ହୋଇପାରୁନି। ବର୍ତ୍ତମାନ ଅନ୍‌ଲାଇନରେ ସମସ୍ତ କାର୍ଯ୍ୟ କରାଯାଉଥିବା ବେଳେ କମ୍ପ୍ୟୁଟର ଦାୟିତ୍ୱରେ ଥିବା ତିନିଜଣ ଡାଟାଏଣ୍ଟ୍ରି ଅପରେଟରଙ୍କ ମଧ୍ୟରୁ ଜଣକୁ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ କମ୍ପ୍ୟୁଟରରେ ହେଉଥିବା ଖତିଆନ, ବିଭିନ୍ନ ମାମଲାର ଆଦେଶ, ରେକର୍ଡପତ୍ର ସଂଶୋଧନ, ସ୍ଥାୟୀ ବାସିନ୍ଦା, ଜାତିଗତ, ଅର୍ଥନୈତିକ, ଉତ୍ତରାଧିକାରୀ, ଜନ୍ମ ଓ ମୃତ୍ୟୁ ଆଦେଶ ପ୍ରଦାନରେ ନାନା ସମସ୍ୟା ଦେଖାଯାଉଛି। ସେହିପରି ଉକ୍ତ କାର୍ଯ୍ୟାଳୟରେ ଗତ ତିନିବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପ୍ରୋସେସର (ନୋଟିସର) ପଦବି ଶୂନ୍ୟ ପଡ଼ିଥିଲେ ମଧ୍ୟ ତାହା ପୂରଣ ହେଉନି। ଫଳରେ ବିଭିନ୍ନ ମାମଲାରେ ବିଚାର ପାଇଁ ପକ୍ଷମାନଙ୍କ ଉପରେ ନୋଟିସ ଜାରିରେ ନାନା ସମସ୍ୟା ସୃଷ୍ଟି ହେଉଛି। ସେହିପରି କାର୍ଯ୍ୟାଳୟ ଅଧୀନରେ ଥିବା ୬ଟି ରାଜସ୍ୱ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ହେତୁ ନାନା ସମସ୍ୟା ଦେଖାଯାଉଛି। ପ୍ରତି ରାଜସ୍ୱ କାର୍ଯ୍ୟାଳୟରେ ଜଣେ ନିରୀକ୍ଷକ, ଜଣେ ସହକାରୀ ନିରୀକ୍ଷକ, ଜଣେ ଅମିନ ଓ ପିଅନ ରହିବା କଥା। ମାତ୍ର ଏହିପରି ସ୍ଥଳେ ଆପଣ୍ଡା ରାଜସ୍ୱ କାର୍ଯ୍ୟାଳୟରେ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ନେଇ କାମ ଚାଲୁଛି। ସେ ଅନ୍ୟ କାମରେ ଗଲେ କାର୍ଯ୍ୟାଳୟରେ ତାଲା ଝୁଲୁଛି। ସେହିପରି ଗଣିଜାଙ୍ଗ, କେନ୍ଦୁଆପଦା, ଆଗରପଡ଼ା, ଅଣିଜୋ ଆଦି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ରହିଛି। କେଉଁଠି ଆର୍‌ଆଇ ତ ଆଉ କେଉଁଠି ଏଆର୍‌ଆଇଙ୍କ ଦ୍ୱାରା କାମ ଚଳୁଛି। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟର ପାରିପାର୍ଶ୍ୱିକ ପରିସ୍ଥିତିରେ ଉନ୍ନତି ଆସିବା ସହ ସେଗୁଡ଼ିକ ରୂପାନ୍ତରିତ ହୋଇପାରିଥିବା ବେଳେ ଉକ୍ତ କାର୍ଯ୍ୟାଳୟ ଉଦ୍‌ଘାଟନକୁ ୧୪ବର୍ଷ ପୂରିବା ପରେ ମଧ୍ୟ ଉନ୍ନତି ହୋଇପାରିନପାରିବା ଦୁର୍ଭାଗ୍ୟର ବିଷୟ। ସରକାରଙ୍କ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାରୁ ଉକ୍ତ କାର୍ଯ୍ୟାଳୟରେ ଆବଶ୍ୟକୀୟ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ବର୍ଷାଧିକ କାଳ ପରେ ବି ଫଇସଲା ନହୋଇ ପଡ଼ିରହୁଥିବା ମାମଲାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ଏହାର ନବକଳେବର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

■ **ପଞ୍ଚାୟତ ନିର୍ବାଚନକୁ ୨ ବର୍ଷ ପୂରିଲାଣି**

# ମହିଳା ପ୍ରତିନିଧିଙ୍କ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ

ବନ୍ତ/ଆଗରପଡ଼ା, ୨୧।୭ (ସମିସ): ପଞ୍ଚାୟତ ନିର୍ବାଚନକୁ ଇତି ମଧ୍ୟରେ ୨ବର୍ଷରୁ ଅଧିକ ସମୟ ବିତିଯାଇଛି। କିନ୍ତୁ ପଞ୍ଚାୟତବାସୀ ସେମାନଙ୍କ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଅର୍ନ୍ତଗତ ଆଗରପଡ଼ା ୧୪ନଂ ଜିଲ୍ଲା ପରିଷଦ ଜୋନରେ। ଉକ୍ତ ଜୋନ ବିଟିପୁର, ପୁରୁଷଣ୍ଡ, ବଡ଼ମହିଁଷଗୋଠ, ଗୋପିନାଥପୁର, ମହାନ୍ତିପଡ଼ା, ଆଡ଼ିଆ, ଅଣିଜୋ, ଚାରିଗାଁ ଓ ରାମଚନ୍ଦ୍ରପୁର ଏହିପରି ୯ ଗୋଟି ପଞ୍ଚାୟତକୁ ନେଇ ଗଠିତ। ଏଥିମଧ୍ୟରୁ ବିଟିପୁର, ଗୋପିନାଥପୁର, ବଡ଼ମହିଁଷଗୋଠ, ଅଣିଜୋ, ଆଡ଼ିଆ, ଚାରିଗାଁ ଏବଂ ରାମଚନ୍ଦ୍ରପୁର ପଞ୍ଚାୟତରୁ ମହିଳା ସରପଞ୍ଚମାନେ ବିଜୟ ଲାଭ କରିଥିଲେ। ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଆଗରପଡ଼ା। ଏଥି ସହିତ କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସୀମାବର୍ତ୍ତି ସ୍ଥାନରେ ଆଗରପଡ଼ା ଅବସ୍ଥିତ ହୋଇଥିବା ବେଳେ ୪ଗୋଟି ପଞ୍ଚାୟତ ଯଥା ବିଟିପୁର, ପୁରୁଷଣ୍ଡ, ବଡ଼ମହିଁଷଗୋଠ ଓ ଗୋପିନାଥପୁର ଉକ୍ତ ଅଞ୍ଚଳର ବିକାଶ ଉପରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ବେଳେ ପୁରୁଷଣ୍ଡ ପଞ୍ଚାୟତକୁ ଛାଡ଼ି ଅନ୍ୟ ୩ଟି ପଞ୍ଚାୟତରେ ମହିଳା (ସରପଞ୍ଚ) ପ୍ରତିନିଧିମାନେ ୨ବର୍ଷରୁ ଉର୍ଦ୍ଧ୍ୱ ହେବ କାର୍ଯ୍ୟାଭାର ସମ୍ଭାଳି ଥିଲେ ସୁଦ୍ଧା ଉକ୍ତ ଅଞ୍ଚଳର ବିକାଶରେ ଦୃଷ୍ଟି ନ ଦେବା ସେମାନଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଗରପଡ଼ାରେ କୃଷି କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ପଶୁ ଡାକ୍ତରଖାନା, ମୁଖ୍ୟ ଚିକିତ୍ସାଳୟ ଓ ପ୍ରମୁଖ ଶିକ୍ଷାନୁଷ୍ଠାନ ଉକ୍ତ ପଞ୍ଚାୟତରେ ଥିବା ବେଳେ ପ୍ରତ୍ୟେକ କାର୍ଯ୍ୟାଳୟରେ ସମସ୍ୟା ଲାଗି ରହିଥିବା ବେଳେ ଆଜି ସୁଦ୍ଧା ପ୍ରତିନିଧିମାନେ ଏଥିପ୍ରତି କୌଣସି କଡ଼ା ଆଭିମୁଖ୍ୟ ଗ୍ରହଣ କରିନାହାନ୍ତି। ସେହିପରି ନିର୍ମାଣାଧୀନ ଗୋଷ୍ଠୀ ପରିମଳକେନ୍ଦ୍ର ଅଧପନ୍ତରିଆ ଅବସ୍ଥାରେ ପଡ଼ିଥିବା ବେଳେ ବଜାରକୁ ଲାଗି ଗୋପିନାଥପୁର ପଞ୍ଚାୟତ ତରଫରୁ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଆଜି ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିପରି ସ୍ଥାୟୀ ବିଶ୍ରାମାଗାର, ବସ୍‌ଷ୍ଟାଣ୍ଡ ଆଦିର ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ସ୍ୱର୍ଗତଃ ସାଂସଦ ଅର୍ଜୁନ ଚରଣ ସେଠୀଙ୍କ ପୌଷ୍ୟ ଗ୍ରାମ (ପୁରୁଷଣ୍ଡ) ଗହଣରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆଲୋକ ସ୍ତମ୍ଭ ଆଗରପଡ଼ା ବଜାରରେ ଅକାମି ହୋଇପଡ଼ିଛି। ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଲୋକାର୍ପିତ ଆଲୋକ ସ୍ତମ୍ଭ ମଧ୍ୟ ନଷ୍ଟ ହେବାକୁ ବସିଛି। ଉକ୍ତ ପଞ୍ଚାୟତରେ ମହିଳା ସମିତିସଭ୍ୟା ନିର୍ବାଚିତ ହୋଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନାହାନ୍ତି। ସରକାର ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା ବେଳେ ସେମାନେ ଜନସାଧାରଣଙ୍କ ମୌଳିକ ସୁବିଧା ପ୍ରତି କୌଣସି ଦୃଷ୍ଟି ନଦେବା ସେମାନଙ୍କ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଆଗରପଡ଼ା ଅଞ୍ଚଳର ଉନ୍ନତିକୁ ଆଖି ଆଗରେ ରଖି ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେଇ ମହିଳା ପ୍ରତିନିଧିମାନେ ସେମାନଙ୍କର କାର୍ଯ୍ୟଦକ୍ଷତାର ପରିଚୟ ସୃଷ୍ଟି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# କେନାଲରେ ନାହିଁ ବୁନ୍ଦାଏ ଜଳ; ଚାଷୀ ପକେଇ ପାରୁନି ତଳି

**ଅସୁରାଳି, ୨୧।୭ (ସମିସ):** ଧାମନଗର ବ୍ଲକରେ ପ୍ରବାହିତ ହେଉଥିବା ୫ନମ୍ବର କେନାଲଟି ପ୍ରାୟ ୧୬.୩ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି। ଏହି କେନାଲଟି ୫/୬ଟି ପଞ୍ଚାୟତ ଦେଇ ପ୍ରବାହିତ ହୋଇଛି। କେନାଲ ଉପରେ ନିର୍ଭର କରନ୍ତି ୧୮ ହଜାର ଚାଷୀ। କେନାଲରେ ପାଣି ନ ଥିବାରୁ ଏହି ପଞ୍ଚାୟତମାନଙ୍କରେ ଚାଷ କାର୍ଯ୍ୟ ଆଗେଇ ପାରୁନି। ବାରମ୍ବାର ଚାଷୀ ବାରିକପୁର କନିଷ୍ଠଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବା ସତ୍ତ୍ୱେ ମଧ୍ୟ ବିଫଳ ହୋଇଛନ୍ତି। କେନାଲରେ ପାଣି ଛାଡିବା ପାଇଁ ବାରମ୍ବାର କନିଷ୍ଠ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ କର୍ଣ୍ଣପାତ କରୁନାହାନ୍ତି। ମୌସୁମୀର ଲୁଚକାଳି ଖେଳ ଏବଂ ସ୍ୱଳ୍ପ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରୁନି। ଚାଷୀ ଜଳକର ଦେଇ ସୁଦ୍ଧା ବୁନ୍ଦାଏ ଜଳ ପାଇ ପାରୁନାହାନ୍ତି। କେନାଲ ଦ୍ୱାରା ଜଳସେଚିତ ହେଉଥିବା ଚାଷ ଜମି ଗୁଡିକର ଚାଷୀମାନେ କେନାଲ ଉପରେ ନିର୍ଭର କରି ଏବେ ହତାଶ ହାଇଗଲେଣି। କେନାଲ ଡିଭିଜନ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆଷାଢ଼ ଯାଇ ଶ୍ରାବଣ ମାସ ଆରମ୍ଭ ହେଲାଣି; ମାତ୍ର ଜଳ ବୁନ୍ଦାଏ ଦେଖାନାହିଁ।

ଧାମନଗର ବ୍ଲକରେ ନଦୀ ସଂସ୍କାର ଯୋଜନାରେ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ରେବ, କପାଳୀ, କୋଚିଲା, ଗେଙ୍ଗୁଟି ଓ କଣ୍ଠିଆ ଆଦି ନଦୀ ମଧ୍ୟ ସଂସ୍କାର ହୋଇଛି। କିନ୍ତୁ ଏ ସବୁ ଜଳକୁ ସଂରକ୍ଷିତ କରି କୃଷି କାର୍ଯ୍ୟରେ ବିନିଯୋଗ କରିବା ପାଇଁ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଯାହାର ପରିଣାମ ସ୍ୱରୂପ ଏବେ ମରୁଡ଼ି



ପରିସ୍ଥିତି ସୃଷ୍ଟି ହୋଇଛି। କୋଠାର ଠାରୁ ତଳିଆ ଅଞ୍ଚଳକୁ ପୂର୍ବ ଦିଗରେ କେନାଲର ସୁବିଧା ନଥିବାରୁ ପ୍ରାୟ ଦଶଟି ପଞ୍ଚାୟତ କେବଳ ନଦୀ ଜଳ ଉପରେ ନିର୍ଭର କରନ୍ତି। ଯେଉଁ ଅଞ୍ଚଳରେ ଲିଫ୍ଟ ଇରିଗେଶନର ସୁବିଧା ରହିଛି ସେ ଅଞ୍ଚଳରେ ଦୀର୍ଘ ଦିନ ଧରି ଲିଫ୍ଟ ପମ୍ପ ଗୁଡ଼ିକୁ ମରାମତି ହେଉ ନଥିବାରୁ ସେସବୁ ବହୁ ଦିନ ଧରି ଅଚଳ ହୋଇପଡ଼ିଛି। ସେଗୁଡିକ ସଚଳ ଅବସ୍ଥାରେ ଥିଲେ ଏହି ଜରୁରି ସମୟରେ ଅନ୍ତତଃ ଚାଷ ଜମିକୁ ରକ୍ଷା କରାଯାଇ ପାରିଥାନ୍ତା। ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଲିଫ୍ଟ ପମ୍ପ ଠାରୁ ଆରମ୍ଭ କରି ବ୍ଲକର ବିଭିନ୍ନ ଅଞ୍ଚଳରେ ଏହି ବିଦ୍ୟୁତ୍ ଚାଳିତ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏହି ବିଭାଗର କେହି ଅଧିକାରୀ ଥିବା ମନେହେଉନାହିଁ। କଲ୍ୟାଣୀ, ଗୋବିନ୍ଦପୁର, ବମକାରା, ପତ୍ରୀସାହି, ଭଣ୍ଡାରିପଦା, ସରପୁର, କଷଟି, ଅଜମତପୁର, କୋରୁଆ, ଝାରଡ଼ିଆ, ଗଡିଆଳି, ଅସୁରାଳି, ଫତେପୁର୍ ଇତ୍ୟାଦି ଆଦି ବହୁ ଅଞ୍ଚଳ ଉକ୍ଟ ମରୁଡ଼ି ପରିସ୍ଥିତିକୁ ସାମନା କରିବାକୁ ଯାଉଛି। ତେଣୁ ତୁରନ୍ତ ୫, ୬, ୭ ନମ୍ବର କେନାଲ ଗୁଡ଼ିକରେ ଜଳ ଯୋଗାଇ ଦେବାକୁ ଦାବି ହେଉଛି। ତୁରନ୍ତ ଜଳ ଯୋଗାଇ ଦେବାକୁ ଶହ ଶହ ଚାଷୀ ଦାବି କରିଛନ୍ତି। ଚାଷୀ ତଳି ପକାଇ ପାରୁ ନାହାଁନ୍ତି। ବାରମ୍ବାର ବାରିକପୁର ଜଳସମ୍ପଦ ବିଭାଗ ର କନିଷ୍ଠ ଯନ୍ତ୍ରୀଙ୍କୁ ସୂଚନା ଦିଆଯାଇ ଥିଲେ ମଧ୍ୟ ସେ ଫିଲ୍ଡ ଭିଜିଟ୍ ରେ ଆସୁ ନାହାନ୍ତି କି ସମସ୍ୟାର ସମାଧାନ କରୁ ନାହାନ୍ତି। ୧୦ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତୀ ମାତ୍ର କାମରେ ଶୁନ। ସେଥିପାଇଁ ତୁରନ୍ତ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ସହ ସମସ୍ୟାର ସମାଧାନ କରିବା ଲାଗି ଅଞ୍ଚଳବାସୀ ଦାବି ରଖିଚନ୍ତି। ନତୁବା ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ପିପୁଲସ ୱେଲଫେୟାର ସଜେସନ ଫୋରମର ଆଲୋଚନାଚକ୍ର



ଭଦ୍ରକ, ୨୧।୭ (ସମିସ): ପିପୁଲସ ୱେଲଫେୟାର ସଜେସନ ଫୋରମର 'ଗରିବୀ ବିହୀନ ଓଡ଼ିଶା ପାଇଁ ସାମ୍ବାଦିକଙ୍କ ଭୂମିକା' ଉପରେ ଆଲୋଚନାଚକ୍ର ଆଜି ସ୍ଥାନୀୟ ଡିଆର୍‌ଡିଏ ଅଫିସ ସମ୍ମୁଖ ଭଦ୍ରକ ରୋଟାରୀ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ଫୋରମର ଅଧ୍ୟକ୍ଷ ଡ.ନନ୍ଦନନ୍ଦନ ଦାସ ଏ ବିଷୟରେ ଆଲୋଚନା କରି ଥିଲେ। ଫୋରମର ଅଧ୍ୟକ୍ଷ ଡ.ଦାସ ତାଙ୍କ ବକ୍ତବ୍ୟରେ ପ୍ରଥମ ଶ୍ରେଣୀରୁ ସ୍ନାତକ ପର୍ଯ୍ୟନ୍ତ ୧୫ ବର୍ଷ ଏକ ନୈତିକ ଶିକ୍ଷାର ପାଠ୍ୟକ୍ରମ କରି ବିଶିଷ୍ଟ ବିଦ୍ୱାନ (ହେଡ଼ ମାଷ୍ଟର, ଡିଆଇସ୍କୁଲ, ଅଧ୍ୟାପକ, ସ୍ୱାସ୍ଥ ନିର୍ଦ୍ଦେଶକ, କୃଷି ନିର୍ଦ୍ଦେଶକ, ମୁଖ୍ୟ ବନ୍ୟ ବିଭାଗର ଅଧିକାରୀ ପ୍ରମୁଖ)ଙ୍କ ସହ ଆଲୋଚନା କରାଯାଇଥିବା କହିଛନ୍ତି। ଏଥିରେ ଶ୍ରେଣୀ ଅନୁଯାଇ ଆଦର୍ଶ ପୁସ୍ତକ ପ୍ରଣୟନ କରାଯାଇ ପାଠ ପଢ଼ା ହେବ। ଅନ୍ୟପକ୍ଷରେ ଏହି ପାଠ୍ୟକ୍ରମ ଦ୍ୱାରା ଜଣେ ଛାତ୍ର ମଜୁରିଆ ହୋଇ ମଧ୍ୟ ନିଜ ରୋଜଗାରରେ ତିନି ମହଲା କୋଠା କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ପ୍ରସ୍ତାବ ଦେଶର ପ୍ରଧାନମନ୍ତ୍ରୀ ଓ ସବୁ ମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀଙ୍କୁ ଦିଆଯାଇଛି ବୋଲି ଅଧ୍ୟକ୍ଷ ଡ.ଦାସ ସୂଚନା ଦେଇଛନ୍ତି। ଏହି ଆଲୋଚନା ଚକ୍ରରେ ଏଫଏମ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ.ଦେବେନ୍ଦ୍ର ନାଥ ରାଉତ, ଡାକ୍ତର ସୁଧୀର ରଞ୍ଜନ ନାୟକ, ଇଂ.କମଳାକାନ୍ତ ବେହେରା, ଇଂ.ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ସମେତ ସାମ୍ବାଦିକ-ପ୍ରତାପ ଚନ୍ଦ୍ର ଦାସ, ରବିନାରାୟଣ ଖିଲାର, ଅଶୋକ ନାୟକ, ତପନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦଧିବାମନପୁରରେ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦାବି

**ବାସୁଦେବପୁର, ୨୧।୭ (ସମିସ):** ବାସୁଦେବପୁର ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁରରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଆବଶ୍ୟକତା ଥିବା ବେଳେ ଆଜି ଗଠିତ କ୍ରିୟାନୁଷ୍ଠାନ କମିଟି ସମେତ ଗ୍ରାମବାସୀ ନୂତନ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି। ଦୀର୍ଘଦିନ ଧରି ସରକାରଙ୍କ ବିଭିନ୍ନ ଦପ୍ତରରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଦାବି ରଖିଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନଥିଲା।

ଏହି ଗାଁଟି ମନ୍ତେଇ ନଦୀ କୂଳରେ ଅବସ୍ଥିତି କାରଣରୁ ଏହା ସହର ଠାରୁ ଅପହଞ୍ଚ ଅଞ୍ଚଳ ଭାବେ ପରିଚିତ। ନାଁ ଅଛି ସୁଗମ ସଡ଼କ ପଥ ନାଁ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ଏଯାଏଁ ଗାଁକୁ ଛୁଇଁ ପାରିଛି। ତେବେ ଅନେକ ସମୟରେ ରୋଗୀ ହନ୍ତସନ୍ତ ଘଟଣା ସାମନାକୁ ଆସୁଛି। ଗଭୀର ମନ୍ତେଇ ନଦୀଟି ଏହି ଗାଁମାନଙ୍କୁ ତିନି ପାର୍ଶ୍ୱରୁ ଘେରିରହିଛି। ଆଉ ଏହି ଗାଁମାନଙ୍କରେ ଅର୍ଦ୍ଧାଧିକ ଲୋକସଂଖ୍ୟା ଜନଜାତି ଓ ଗରିବ ଖଟିଖିଆ ଲୋକମାନେ ବସବାସ କରୁଛନ୍ତି। ଏମିତିକି ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଡାଙ୍ଗମାଳ, ଦଧିବାମନପୁରକୁ ଓ ବଡ଼ଅଗାପୁର ଆଦି ଗାଁ ବେଶ ପ୍ରଭାବିତ କରିଆସୁଛି। ଯାହାକୁ ନେଇ ବିଭିନ୍ନ ସମୟରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦାବି ହୋଇ ଆସୁଥିବା ବେଳେ କୌଣସି ସ୍ତରରୁ ଆନ୍ତରିକତା ଦେଖାଦେଉନି। ତେବେ ଏହି ସମସ୍ୟାକୁ ନେଇ ବିଭିନ୍ନ ଗାଁରୁ ଆଗଧାଡିର ଲୋକମାନେ ଅନେକ ସମୟରେ କୃଷକ ନେତା ତଥା କମିଟିର ସଭାପତି ହରିହର ବେହେରାଙ୍କ ସମେତ ସଭାପତି ଶ୍ରୀ ବେହେରା, ଜଗତାନନ୍ଦ ବେହେରା, ବୈଲୋଚନ ପରିଡ଼ା, ଲଲାଟେନ୍ଦୁ ମଲିକ, ପ୍ରେମାନନ୍ଦ ମାହୁନ୍ତ, ଶଶଧର ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ଜୟନ୍ତ ବେହେରା, ମହେନ୍ଦ୍ର ବେହେରା ପ୍ରମୁଖ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଥିଲେ ବି କୌଣସି ସ୍ତରରୁ କୌଣସି ସୁଫଳ ମିଳିନଥିବା କହିଛନ୍ତି।

# ପଶୁ ଚିକିତ୍ସା କେନ୍ଦ୍ରରେ ତାଲା



**ମଞ୍ଜୁରୀରୋଡ, ୨୧।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଞ୍ଜୁରୀ ରୋଡ ପଶୁ ଚିକିତ୍ସା କେନ୍ଦ୍ରରେ ଦୀର୍ଘ ଦିନ ତାଲା ଝୁଲୁଛି। ଉକ୍ତ ଚିକିତ୍ସା କେନ୍ଦ୍ର ଉପରେ ନାଆମୀ, ରାଜେନ୍ଦ୍ରପୁର, ଶାନଶାସନ, ବନ୍ଦାଳମଡିଆଳୀ ଗ୍ରାମପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଗୋପାଳକମାନେ ନିର୍ଭର କରିଥାନ୍ତି। ଗାଇ ଗୋରୁ ଠାରୁ ଆରମ୍ଭ କରି ଛେଳି ମେଣ୍ଢା କୁକୁଡା ଯାଏଁ ବର୍ଷା ଦିନିଆ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅସୁସ୍ଥ ଥିବା କୌଣସି ପଶୁପକ୍ଷୀଙ୍କୁ ଧରି କେହି ଯଦି ଚିକିତ୍ସା କେନ୍ଦ୍ରକୁ ଆସୁଛି ତାଲା ପଡ଼ିଥିବା ଯୋଗୁଁ ସେ ନିରାଶ ହୋଇ ଫେରୁଛନ୍ତି। ଏପଟେ ବ୍ଲକ ପଶୁ ଚିକିତ୍ସାଳୟଟି ଅନେକ ଦୂର ହୋଇଥିବା ଯୋଗୁଁ ଅସୁସ୍ଥ ଗାଈ ଗୋରୁଙ୍କୁ ନେଇ ଯିବା ଲୋକ ମାନଙ୍କ ପାଇଁ ସମ୍ଭବ ହେଉନାହିଁ। ଉକ୍ତ ଅଞ୍ଚଳଟି ବ୍ଲକର ଶେଷ ସୀମାରେ ଅବସ୍ଥିତ ଥିବା ବେଳେ ଏଠାରେ ପଶୁପକ୍ଷୀ ମାନଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ସେବା ମିଳିବା ଏବେ ଅସମ୍ଭବ ହୋଇଯାଇଛି। କେଉଁ କାରଣରୁ ଦୀର୍ଘ ଦିନ ହେବ ପଶୁ ଚିକିତ୍ସା କେନ୍ଦ୍ରରେ ତାଲା ପଡ଼ିଛି ତାହା ଜଣାପଡ଼ିନାହିଁ।

# ଅଧାରୁ 'ଆମ ବସଷ୍ଟାଣ୍ଡ' କାମ ବନ୍ଦ

ଦୋବଲ, ୨୧।୭ (ସମିସ)



ଧାମନଗର-ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ନିର୍ମାଣ ହେଉଥିବା ଆମ ବସଷ୍ଟାଣ୍ଡ ପ୍ରକଳ୍ପକୁ ବନ୍ଦ କରି ଦିଆଯାଇଛି। ଠିକାଦାର ପକ୍ଷରୁ ଏବେ କାମ ବନ୍ଦ ରଖାଯାଇଛି। ତା' ସହ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ୍, ସିମେଣ୍ଟ, ଚିପ୍ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଉଛନ୍ତି ଠିକାଦାର। ଏହାଫଳରେ ବସ୍‌ଷ୍ଟାଣ୍ଡର ଭବିଷ୍ୟତ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖାଦେଇଛି। ତେବେ ଏନେଇ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ପାଇଁ ବସଷ୍ଟାଣ୍ଡ ନିର୍ମାଣ ସ୍ଥଗିତ ରଖିବା ଲାଗି ପ୍ରାଶାସନିକ ନିଷ୍ପତି ହୋଇଛି। ଏନେଇ ଆମକୁ ଉପରୁ ନିର୍ଦ୍ଦେଶ ଆସିବାରୁ ଆମେ ସମ୍ପୃକ୍ତ ଠିକାଦାରଙ୍କୁ କାମ ବନ୍ଦ କରିବା ଲାଗି କହିଥିଲୁ। ସେ ସାମୟିକ କାମ ବନ୍ଦ କରିଛନ୍ତି। ସେପଟେ ପୂର୍ତ୍ତ ବିଭାଗର ଆଉ ଜଣେ ଅଧିକାରୀ କହିଛନ୍ତି, ବସ୍‌ଷ୍ଟାଣ୍ଡର ନିର୍ମାଣ ସ୍ଥାନ ବଦଳାଯିବ। ଏଥିଲାଗି ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଛି। ଦୋବଲ ଷ୍ଟେଟ ବ୍ୟାଙ୍କ ପାଖରେ ଥିବା ବସଷ୍ଟାଣ୍ଡର ଜମିକୁ ନେଇ ଦୀର୍ଘ ବର୍ଷ ହେଲା ବିବାଦ ଲାଗି ଆସିଥିଲା।

ଦୋବଲରେ ବସଷ୍ଟାଣ୍ଡ ନିର୍ମାଣ ଲାଗି ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବସଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଆଉ ୨୦୨୩ ଅଗଷ୍ଟ ୨୩ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆମ ବସଷ୍ଟାଣ୍ଡ ଯୋଜନାର ଲକ୍ଷ୍ୟ ଥିଲା ଯେ, ନିଜ ଅଞ୍ଚଳରେ ଗୋଟିଏ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବା। ଏଥିରେ ଗ୍ରାଉଣ୍ଡ ଫ୍ଲୋର ଓ ଫାଷ୍ଟ ଫ୍ଲୋର ରହିବ। ମାନେ ଦୁଇ ମହଲା ବିଶିଷ୍ଟ ଘର ହେବ। ତଳ ମହଲା ଓ ପ୍ରଥମ ମହଲା କୋଠା। ତଳ ମହଲାରେ ଯାତ୍ରୀଙ୍କ ପାଇଁ ବିଶ୍ରାମ କକ୍ଷ, ଟିକେଟ କାଉଣ୍ଟର, ଶୌଚାଳୟ, ଗାଡ଼ି ଧୋଇବା ରାମ୍ପ, ଭେଣ୍ଡିଂ ଜୋନ୍, ପ୍ରବେଶ ଓ ପ୍ରସ୍ଥାନ ପଥ, ବସ୍ ପାର୍କିଂ ସ୍ଥାନ। ଲୋକ ଚଢ଼ିବା ଓ ଓହ୍ଲାଇବା ପାଇଁ ନିର୍ଦ୍ଧାରିତ ପଥ, ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର କରିଡର, ଯାତ୍ରୀଙ୍କ ଲଗେଜ ନେବା ଆଣିବା ଲାଗି ରାମ୍ପ ଆଦି ରହିବ। ଏହାସହ ବସଷ୍ଟାଣ୍ଡରୁ ଯାତ୍ରୀଙ୍କୁ ନେବା ଆଣିବା ଲାଗି କାର, ଟ୍ୟାକ୍ସି ଓ ଅଟୋ ଯାତାୟତ ପାଇଁ ମଧ୍ୟ ସ୍ଥାନ ରହିବ। ପ୍ରଥମ ମହଲାରେ ଡ୍ରାଇଭରଙ୍କ ପାଇଁ ବିଶ୍ରାମ କକ୍ଷ, ନିରୀକ୍ଷଣ କକ୍ଷ, ଅଫିସ, ରିଫ୍ରେସନ ପଏଣ୍ଟ, ଶୌଚାଳୟ ଆଦି ରହିବ। ଏସବୁ ନିର୍ମାଣ ହେଲେ ଦୋବଲ ଦେଇଯିବା ଆସିବା କରୁଥିବା ଯାତ୍ରୀମାନେ ଉପକୃତ ହେବେ। ଏତେସବୁ ସୁବିଧା ଲାଗି ପ୍ରାୟ ୨ ଏକର ଜମିର ଆବଶ୍ୟକତା ଥିଲା। ହେଲେ ଦୋବଲ ଷ୍ଟେଟ ବ୍ୟାଙ୍କ ପାଖରେ ଏତେ ଜାଗା ନଥିଲା। ଏଣୁ ପ୍ରଶାସନ ପକ୍ଷରୁ ସେତେବେଳେ ଘୋଡ଼ାଗଣ୍ଡ ନାଳ ପାଖରେ ବସଷ୍ଟାଣ୍ଡ କରିବାକୁ ନିଷ୍ପତି ନିଆଯାଇଥିଲା। ହେଲେ ବସଷ୍ଟାଣ୍ଡ ପାଇଁ ଆନ୍ଦୋଳନ କରୁଥିବା ଲୋକେ ଏହାକୁ ନେଇ ଅସନ୍ତୁଷ୍ଟ ଥିଲେ। ଏବେ ସରକାର ବଦଳିବା ପରେ ସମ୍ପୃକ୍ତ ଗୋଷ୍ଠୀଙ୍କ ଚାପରେ ସରକାରଙ୍କ ପକ୍ଷରୁ କାମ ବନ୍ଦ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ବସଷ୍ଟାଣ୍ଡ ନିର୍ମାଣ ହେଉଥିବା ଜାଗାରେ ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଏଠି ବସଷ୍ଟାଣ୍ଡ ନିର୍ମାଣ ନ ହେଲେ ସେ ଟଙ୍କା ବେକାର ଯିବ। ତା' ଛଡ଼ା ଅପନ୍ତରା ଜାଗାକୁ ମାଟି ପକାଇ ସମତୁଲ କରାଯାଇଥିବାରୁ ଭବିଷ୍ୟତରେ ଜବରଦଖଲ ଆଶଙ୍କା ରହିବ। ପାଖରେ ମଦ ଦୋକାନ ଥିବାରୁ ଏଠାରେ ଦୋକାନବଜାର ହୋଇଯିବାର ଆଶଙ୍କା ମଧ୍ୟ ରହିଛି। ଏଣୁ ପ୍ରଶାସନ ବୁଝି ବିଚାରି ପଦକ୍ଷେପ ନେବା ଉଚିତ ବୋଲି ବୁଦ୍ଧିଜୀବୀ କହିଛନ୍ତି।

## ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସିଲିକନ୍ ଇନଷ୍ଟିଚ୍ୟୁଟ୍ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡାଦେଶ

**ଭଦ୍ରକ, ୨୧।୭ (ସମିସ)**

ଭଦ୍ରକ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଏକ ଉପଭୋକ୍ତା ଜନିତ ମାମଲାର ବିଚାର କରି ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ଭୁବନେଶ୍ୱର ପଟିଆସ୍ଥିତ ସିଲିକନ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିକୁ ଦଣ୍ଡିତ ହୋଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ଚରମ୍ପା ଅଞ୍ଚଳର ଅଂଶୁମାନ ନାୟକ ତାଙ୍କ ପୁଅର କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବ୍ରାଞ୍ଚରେ ନାମ ଲେଖାଇବାକୁ ସିଲିକନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି କର୍ତ୍ତୃପକ୍ଷଙ୍କୁ ୫୦ହଜାର ଟଙ୍କା ଗତ ୬-୮-୨୨ ତାରିଖରେ ପ୍ରଦାନ କରିଥିଲେ। ତେବେ ନାମଲେଖା ବେଳେ ସିଲିକନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି କର୍ତ୍ତୃପକ୍ଷ ତାଙ୍କ ପୁଅକୁ ଟ୍ରିପିଲ୍-ଇ ବ୍ରାଞ୍ଚରେ ନାମ ଲେଖାଇବାକୁ କହିଥିଲେ। ତେବେ ଏଥିରେ ଅଂଶୁମାନ ଅରାଜି ହୋଇଥିଲେ। ପରେ ଉକ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ୪୦ହଜାର ଟଙ୍କା ଫେରସ୍ତ କରାଯାଇଥିଲା। ସେହିଭଳି ତାଙ୍କ ଠାରୁ ୫୦ହଜାର ଟଙ୍କା ବ୍ୟତୀତ ପ୍ରୋସେସିଂ ଫି' ଆଦି ବାବଦକୁ ୩ ହଜାର ୯ଶହ ଟଙ୍କା ମଧ୍ୟ ଶିକ୍ଷାନୁଷ୍ଠାନ ସଂସ୍ଥା ନେଇଥିଲେ। ଏହି ଘଟଣାରେ ଅଂଶୁମାନ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଆଶ୍ରୟ ନେଇଥିଲେ। ସେ ସିଲିକନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଚେୟାରମ୍ୟାନ ଓ ଡାଇରେକ୍ଟ ତିନ୍‌ଙ୍କୁ ପକ୍ଷଭୁକ୍ତ କରି ଏକ ମାମଲା ନଂ-୪୩/୨୦୨୩ ରୁଜୁ କରିଥିଲେ। ଏହି ମାମଲାରେ ସିଲିକନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି କର୍ତ୍ତୃପକ୍ଷ ହାଜର ହୋଇ ତାଙ୍କ ଜବାବରେ ଦର୍ଶାଇଥିଲେ ଯେ, ଅଂଶୁମାନ ନାୟକଙ୍କ ପୁଅ ଓଜେଇ ପରୀକ୍ଷାରେ କ୍ୱାଲିଫାଏ କରିନପାରିବାରୁ ତାକୁ ଅନ୍ୟ ବ୍ରାଞ୍ଚରେ ନାମ ଲେଖାଇବାକୁ କୁହାଯାଇଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଓ ଜବାବ ଦସ୍ତାବିଜକୁ ତନଖି କରି ଏହି ମାମଲାରେ ଭଦ୍ରକ ଉପଭୋକ୍ତା ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟରେ ସିଲିକନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି କର୍ତ୍ତୃପକ୍ଷଙ୍କ ଦୋଷ ଥିବା ଦର୍ଶାଇଥିଲେ। ସେମାନଙ୍କ ଭୁଲ୍ ବା ଦୋଷ ନଥିଲେ କର୍ତ୍ତୃପକ୍ଷ କାହିଁକି ୪୦ ହଜାର ଟଙ୍କା ଅଭିଭାବକଙ୍କୁ ଫେରସ୍ତ କଲେ ବୋଲି ଆୟୋଗ ଦର୍ଶାଇଥିଲେ। ଏହି ମାମଲାରେ ସିଲିକନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି କର୍ତ୍ତୃପକ୍ଷ ଉପଭୋକ୍ତା ଅଂଶୁମାନ ନାୟକଙ୍କୁ ତାଙ୍କ ୧୦ହଜାର ଟଙ୍କା ଫେରସ୍ତ କରିବା ସହ କ୍ଷତିପୂରଣ ବାବଦକୁ ୨୦ହଜାର ଟଙ୍କା ଓ ୫ହଜାର ଟଙ୍କା ମକଦ୍ଦମା ବାବଦକୁ ମିଶାଇ ମୋଟ ୩୫ ହଜାର ଟଙ୍କା ରାୟ ପ୍ରକାଶର ୩୦ଦିନ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ କରିଛନ୍ତି। ଏଥିରେ ଖିଲାପ ହେଲେ ବାର୍ଷିକ ୬ ପ୍ରତିଶତ ସୁଧ ସହ ସମୁଦାୟ ଟଙ୍କା ପ୍ରଦାନ କରିବାକୁ ମଧ୍ୟ ଆଦେଶ ହୋଇଛି।

# ନରସିଂହପୁର ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା



**ବାସୁଦେବପୁର, ୨୧।୭ (ସମିସ):** ବାସୁଦେବପୁର ବ୍ଲକର ନରସିଂହପୁର ପଞ୍ଚାୟତର ସରକାରୀ ହାଇସ୍କୁଲ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଅଛି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ କମଳାକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଦାୟୀ ଶିକ୍ଷକ ରବୀନ୍ଦ୍ରନାଥ ସେନାପତି, ଅଶୋକ କୁମାର ରାଉତ, କମଳାକାନ୍ତ ମଲ୍ଲିକ ଓ ଗଣେଶ ଚନ୍ଦ୍ର ଦାସଙ୍କୁ ମୁଖ୍ୟଅତିଥି ଶ୍ରୀଦାସ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରେଣ୍ୟ ଅତିଥି ଭାବେ ଭାଗୀରଥି ମହାପାତ୍ର, ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ସମିତି ସଭ୍ୟା ଅନିତା ଲେଙ୍କା, ସୁଶାନ୍ତ କୁମାର ମହାକୁଡ, ଦିବାକର ନାୟକ, ଗଦାଧର ମହାପାତ୍ର, ନଟବର ଯେନା, ଉପେନ୍ଦ୍ର ପ୍ରସାଦ ପରିଡ଼ା ଯୋଗଦେଇ ଥିଲେ। ହରେକୃଷ୍ଣ ମହାରଣା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଭିନ୍ନ ସ୍ଥାନରେ ଗୁରୁ ପୂର୍ଣ୍ଣିମା ପାଳିତ



**ବାରିକପୁର, ୨୧।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ରାଧାଗୋବିନ୍ଦ ଧାମଠାରେ ଆଜି ପବିତ୍ର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଭକ୍ତ ମାନେ ଧାମ ଠାରେ ପହଞ୍ଚି ଜଗନ୍ନାଥଙ୍କ ସମେତ ଅନୁଗାମୀ ଆଧାତ୍ମିକ ଗୁରୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ କ୍ଷୀରୋଦ ଦାସ, ଭକ୍ତହରି ରାଉତ, ଘନଶ୍ୟାମ ସାମଲ, ବିପିନ ଦାସ, ରଜତ ଜେନା, ମନୋରଞ୍ଜନ ମହାନ୍ତି, ବାସନ୍ତୀ ଦାସ, ଆନନ୍ଦ ପଲେଇ, ରଞ୍ଜିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭଦ୍ରକ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଗୀତାଭବନ ଠାରେ ଗୁରୁ ପୂଜା ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି ଦୈତାରୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଗୁରୁ ପୂର୍ଣ୍ଣିମା ସମାରୋହରେ ଏକ ଶହରୁ ଅଧିକ ସାଧକ ଭାଇଭଉଣୀ ଯୋଗ ଦେଇଥିଲେ। କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ଆରତୀ ଅନୁଷ୍ଠିତ ହୋଇଥିବା ବେଳେ ପରେ ପରେ ପ୍ରାର୍ଥନା, ଜପ, ଧ୍ୟାନ, ସତସଙ୍ଗ, ପାଦୁକା ପୂଜନ ଓ ଆଶାରାମାୟଣ ପାଠ ହୋଇଥିଲା। ସମ୍ପାଦକ ଜିତେନ୍ଦ୍ର କୁମାର ନାୟକଙ୍କ ବୈଦିକ ତତ୍ତ୍ୱାବଧାନରେ ସାଧକ କୈଳାସ ଚନ୍ଦ୍ର ମହାନ୍ତି, ପବନ ନାୟକ, ଅମରିଶ ମହାନ୍ତି, ଚନ୍ଦନ ଦାସ, ବେଣୁଧର ମହାପାତ୍ର, ତପନ କୁମାର ଓଝା, ସରସ୍ୱତୀ ପଣ୍ଡା, କାଳିପଦ ଦାସ ପ୍ରମୁଖ ଯୋଗଦେଇ ଆଧାତ୍ମିକ ସନ୍ଥ ଗୁରୁ ଆଶାରାମଜୀଙ୍କ ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ପଣ୍ଡା, ମନୋରଞ୍ଜନ ନାୟକ, ସୁଶ୍ରୀ ସଙ୍ଗୀତା ପଣ୍ଡା, ସାରଥୀ ନାୟକ, କନକଲତା ମହାଳିକ, ଶାନ୍ତିଲତା ବାରିକ, ଶୁଭସ୍ମିତା ନାୟକ, ମଞ୍ଜୁଲତା ପଣ୍ଡା, ନିଶିପ୍ରଭା ନାୟକ, ପ୍ରେମଲତା ମହାପାତ୍ର ପ୍ରମୁଖ ଶହେରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଗୁରୁ ଭଗବାନଙ୍କୁ ପୂଜାର୍ଚ୍ଚନା କରିଥିଲେ।

# ନବଗ୍ରହ ମନ୍ଦିରରେ ମହାରୁଦ୍ରାଭିଷେକ



**ଅସୁରାଳି, ୨୧।୭ (ସମିସ):** ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ବେତାଳି ଗାଁ ସ୍ଥିତ ନବଗ୍ରହ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ମହର୍ଷି ମହେଶ ଯୋଗୀ ବୈଦିକ ଆଚାର୍ଯ୍ୟ ସମୂହ ଦ୍ୱାରା ଗୁରୁପୂର୍ଣ୍ଣିମା ଓ ବିଶ୍ୱଶାନ୍ତି ପାଁ ମହାରୁଦ୍ରାଭିଷେକ କରାଯାଇଛି। ଉକ୍ତ ପୂଜାରେ ପଣ୍ଡିତ ପଞ୍ଚାନନ ମିଶ୍ର, ଗିରିଶ ପାଢ଼ି, ମଦନ ମୋହନ, ଚଗୁଲୁ, ରୁଦ୍ର ଓ ବିଭୂତି ନନା ପ୍ରମୁଖ ସମସ୍ତ ରୀତିନୀତି ଅନୁସାରେ ବିଧି ସମ୍ପାଦନ କରିଥିଲେ। ସକାଳ ୬ରୁ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟା ୬ରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା।

# ଗାଁସାଥୀଙ୍କ ମାସିକ ୧୦ହଜାର ପ୍ରୋତ୍ସାହନ ରାଶି ଦାବି



**ଭଦ୍ରକ, ୨୧।୭ (ସମିସ):** ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଜୁଲାଇ ୨୦ ତାରିଖ ପୂର୍ବାହ୍ନରେ ସ୍ଥାନୀୟ ସୀତାରାମ କଲ୍ୟାଣ ମଣ୍ଡପଠାରେ ଏକ ଜିଲ୍ଲାସ୍ତରୀୟ ସଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଗାଁସାଥୀ (ମେଟ୍) ଉପସ୍ଥିତ ଥିଲେ। ପରେ ଅପରାହ୍ଣ ୩ଟାରେ ଜିଲ୍ଲା ପରିଷଦ, ଭଦ୍ରକଙ୍କ କାର୍ଯ୍ୟାଳୟ ଆଗରେ ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଅପରାହ୍ଣ ୪ ଟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗାଁସାଥୀ (ମେଟ୍) ମାନଙ୍କର ଜିଲ୍ଲାସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରଶାସନ ଉଦ୍ୟମ କରିଥିଲା। ଜିଲ୍ଲା ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରଶାସନିକ ବୈଠକରେ ଜିଲ୍ଲାର ଏମ୍‌ସି, ଏପିଡ଼ି, ସମସ୍ତ ବ୍ଲକର ବିଡିଓ, ଏପିଓ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ମନରେଗା ସହାୟକ ଓ ମନରେଗାର ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀଗଣ ଓ ଗାଁସାଥୀ (ମେଟ୍) ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କ ଜରିଆରେ ସାରା ରାଜ୍ୟରେ କାର୍ଯ୍ୟରତ ନ୍ୟାୟ ଆଶାୟୀ ଗାଁସାଥୀ (ମେଟ୍)ଙ୍କୁ ଉଚିତ କାର୍ଯ୍ୟ ପ୍ରଦାନ ସହିତ ମାସିକ ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନର ଦାବିପତ୍ର ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୂର୍ବ ପ୍ରତିଶୃତି ଅନୁଯାୟୀ ଗାଁସାଥୀ (ମେଟ୍)ଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ, ତାପରେ ଜିଲ୍ଲା ଓ ବ୍ଲକସ୍ତରୀୟ ଦାବି ଯଥା ଗାଁସାଥୀ (ମେଟ୍)ଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ପ୍ରଶିକ୍ଷଣ, ବେନିୟମ ମେଟ୍ ଚୟନ ରଦ୍ଦ, ବେନିୟମ ଏନ୍‌ଏମ୍‌ଏମ୍‌ଏସ୍ ବନ୍ଦ ଇତ୍ୟାଦି ପ୍ରସଙ୍ଗରେ ଉନ୍ନୟନ ଅଧିକାରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଶକ୍ତ ପଦକ୍ଷେପ ନେଇଛନ୍ତି ବୋଲି ସଂଘ ତରଫରୁ ପ୍ରକାଶ। ଆଗାମୀ ଦିନରେ ଗାଁସାଥୀ (ମେଟ୍)ଙ୍କୁ ଅଣଦେଖା କଲେ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବ ବୋଲି ଶ୍ରୀ ବିଶ୍ୱାଳ ଗଣମାଧ୍ୟମ ଜରିଆରେ ଆଉଥରେ ପ୍ରଶାସନକୁ ସ୍ପଷ୍ଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ ପାଢ଼ୀ, ହରେଶ ଖୁଣ୍ଟିଆ, ମନୋରଞ୍ଜନ ବଳ, ଲୀଳାବତୀ ମଲ୍ଲିକ, ପ୍ରତାପ ଦଳେଇ, ଅନାମ ରାଉତ, ଅକ୍ଷୟ ଜେନା, ବିଭୁତି ଖଣ୍ଡାଇ, କଳ୍ପନା ପଣ୍ଡା, ମୀନା ଦାସ, ବିକାଶ ସାହୁ, ଚିତରଞ୍ଜନ ଶଙ୍ଖୁଆ, ଲାବଣ୍ୟମୟୀ ପଣ୍ଡା, ଅର୍ଜୁନ ବେରା, କୁଲୁ ନାୟକ, ରବୀନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ଚାରାରୋପଣ



**ଭଦ୍ରକ, ୨୧।୭ (ସମିସ):** ମହିଳା ସଂଗଠନ ଭୂମିକନ୍ୟା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସରସ୍ୱତୀ ଶିଶୁମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ସଂଗଠନର ସଭାପତି ସଂଯୁକ୍ତା ବଳ ନାୟକ ପ୍ରାରମ୍ଭିକ ସୂଚନା, ସମ୍ପାଦକ ଦମୟନ୍ତୀ ରାଉତ ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ଶଶିକଳା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଇଂ.ଅଭୟ ସୂତାର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଭାନୁମତି ମାଟିଆ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ନିହାର ରଞ୍ଜନ କର, ପ୍ରାଧ୍ୟାପକ ସଂଗ୍ରାମ ମହାନ୍ତି, ପ୍ରଧାନ ଶିକ୍ଷକ ଭାଗବତ ମହାଳିକ, ଶିକ୍ଷାବିତ ଶ୍ରୀକାନ୍ତ ସାହୁ, ବସନ୍ତ ମହାନ୍ତି, ମାନସ କର, ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ଯାଦବ ରସ୍ମିତା ଦାଶ, ସାମାଜିକ କର୍ମୀ ପ୍ରଦୀପ ବଳ, ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ, ମମତା ବଳ, ସନ୍ତୋଷ ଦାସ, ଦୀପ୍ତି ନାୟକ, ରତିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ମାର୍ଗଦର୍ଶକ ନିରଞ୍ଜନ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଇଂ. ଅଭୟ ସୂତାର ଓ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଦାଶଙ୍କୁ ସଂଗଠନର ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଏହି ସଂଗଠନ ସାହିତ୍ୟ ଉପରେ ମାସିକ ଆଲୋଚନାଚକ୍ର କରିବା ସହିତ ବିଭିର୍ନ ସାମାଜିକ କାର୍ଯ୍ୟକ୍ରମ କରିବ ବୋଲି ସ୍ଥିର କରିଛି।

# ଜୋନସ୍ତରୀୟ କବାଡ଼ି ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ଭଦ୍ରକ, ୨୧।୭ (ସମିସ):** ବାଲେଶ୍ୱର ଜୋନ ଦ୍ୱାରା ଅନୁବନ୍ଧିତ ୫ଟି ଆଇସିଏସଇ ସ୍କୁଲର ଛାତ୍ରଛାତ୍ରୀଙ୍କ ଜୋନସ୍ତରୀୟ କବାଡି ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସ୍ଥାନୀୟ ଭଦ୍ରକ କାର୍ମେଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଉକ୍ତ ପ୍ରତିଯୋଗିତାଟିକୁ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଜ୍ୟୋତି କନଭେଣ୍ଟ ସ୍କୁଲର ଅଧ୍ୟକ୍ଷ ଫାଦର ଏଲେକ୍ସ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସିଷ୍ଟର ଶେମା ଓ ମଦର ଅର୍ପିତା ପ୍ରତିଯୋଗିତାଟିକୁ ଆୟୋଜନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ମୋଟ ୨୨୫ ଜଣ ଛାତ୍ରଛାତ୍ରୀ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭାଗ ନେଇଥିଲେ। ହୃଷୀକେଶ ବେହେରା, ପୀତବାସ ନାୟକ, ଆଲୋକରଞ୍ଜନ ସେନାପତି, ସନ୍ଧ୍ୟାରାଣୀ ମଲ୍ଲିକ, ସରିତା ନାୟକ ଏବଂ ସୁକାନ୍ତ ମିଶ୍ର ତତ୍ତ୍ୱାବଧାରକ ଥିଲେ। କବାଡ଼ି ପ୍ରତିଯୋଗିତାରେ ୧୪ ବର୍ଷରୁ କମ ନିର୍ମଳା କନଭେଣ୍ଟ, ୧୭ ବର୍ଷରୁ କମ କାର୍ମେଲ ସ୍କୁଲ ଭଦ୍ରକ, ୧୯ ବର୍ଷରୁ କମ ନିର୍ମଳା କନଭେଣ୍ଟ ସ୍କୁଲ ଏବଂ ବାଳିକା ଦଳରେ ୧୭ ବର୍ଷରୁ କମ କର୍ମେଲ ସ୍କୁଲ, ୧୯ ବର୍ଷରୁ କମ ସେଟଂ ମ୍ୟାରିଜ ସ୍କୁଲ ବିଜୟୀ ହୋଇଥିଲେ। ବ୍ୟାଡ୍‌ମିଣ୍ଟନ (ସିଙ୍ଗଲ) ବାଳିକା ମଧ୍ୟରେ ୧୪ ବର୍ଷରୁ କମ ସେଣ୍ଟ ଭିନସେଣ୍ଟ, ୧୭ ବର୍ଷରୁ କମ ନିର୍ମଳା କନଭେଣ୍ଟ ସ୍କୁଲ, ୧୯ ବର୍ଷରୁ କମ କର୍ମେଲ ସ୍କୁଲ ଭଦ୍ରକ, ବ୍ୟାଡ୍‌ମିଣ୍ଟନ (ଡବଲ) ବାଳିକା



ମଧ୍ୟରେ ୧୪ ବର୍ଷରୁ କମ ସେଣ୍ଟ ମ୍ୟାରିଜ, ୧୭ ବର୍ଷରୁ କମ ନିର୍ମଳା କନଭେଣ୍ଟ ସ୍କୁଲ, ୧୯ ବର୍ଷରୁ କମ କର୍ମେଲ ସ୍କୁଲ ଭଦ୍ରକ ବିଜୟୀ ହୋଇଥିଲେ। ବ୍ୟାଡ୍‌ମିଣ୍ଟନ (ସିଙ୍ଗଲ) ବାଳକ ଦଳରେ ୧୪ ବର୍ଷରୁ କମ ନିର୍ମଳା କନଭେଣ୍ଟ ସ୍କୁଲ, ୧୭ ବର୍ଷରୁ କମ ସେଣ୍ଟ ଟେରେସା ସ୍କୁଲ, ୧୯ ବର୍ଷରୁ କମ ସେଣ୍ଟ ମ୍ୟାରିଜ ସ୍କୁଲ ବିଜୟୀ ହୋଇଥିବା ବେଳେ ବ୍ୟାଡ୍‌ମିଣ୍ଟନ (ଡବଲ) ବାଳକ ଦଳରେ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ସେଣ୍ଟ ମ୍ୟାରିଜ ସ୍କୁଲ, ୧୯ ବର୍ଷରୁ କମ ନିର୍ମଳା କନଭେଣ୍ଟ ସ୍କୁଲ ବିଜୟ ଲାଭ କରିଥିଲେ। କର୍ମେଲ ସ୍କୁଲର ଅଧ୍ୟକ୍ଷା ସିଷ୍ଟର ଶେମା କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଦ୍ୱିମାସିକ ସାହିତ୍ୟ ସମ୍ମାନ



**ଭଣ୍ଡାରୀପୋଖରୀ, ୨୧।୭ (ସମିସ):** ବାରିକପୁର ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୫ମ ଦ୍ୱିମାସିକ ସାହିତ୍ୟ ସମ୍ମାନ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ନାୟକ ଭିତି ପ୍ରବନ୍ଧ ପାଠ କରିଥିଲେ। ଏଥିରେ ପ୍ରାକ୍ତନ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ କୁମାର ବାରିକ, ଶିକ୍ଷାବିତ୍ ସନ୍ତୋଷ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, ଡା ନିରଞ୍ଜନ ଓଝା, ରବିନାରାୟଣ ସ୍ୱାଇଁ, ଦେବେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ 'ଗୋପବନ୍ଧୁଙ୍କ ଦୃଷ୍ଟିରେ ନିରପେକ୍ଷ ସାମ୍ପ୍ରଦିକତା: ଏକ ଆଲୋଚନା' ଶୀର୍ଷକ ବିଷୟ ସହ ନିରପେକ୍ଷ ସାମ୍ପ୍ରଦିକତା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ପୁରୁଷୋତମ ଧଳ ଅତିଥି ପରିଚୟ

## ଆଖଣ୍ଡଳମଣି ପୀଠରେ କାଉଡ଼ିଆଙ୍କ ଭିଡ଼

# ରାତି ୧୨ଟାରୁ ବାବାମଣିଙ୍କ ଜଳଲାଗି



**ଭଦ୍ରକ/ଆରଡ଼ି, ୨୧।୭ (ସମିସ):** ପବିତ୍ର ଶ୍ରାବଣମାସର ସୋମବାରରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିବା ପାଇଁ ରବିବାର ଆରଡ଼ିପୀଠରେ ଲାଗିଛି ହଜାରହଜାର କାଉଡ଼ିଆଙ୍କ ଭିଡ଼। କାଉଡ଼ିଆ ଭକ୍ତଙ୍କ ବୋଲବମ ହରହର ବୋମ ଧ୍ୱନିରେ ପ୍ରକମ୍ପିତ ହେଉଛି ସମଗ୍ର ପୀଠ। ପୀଠର ସ୍ଥଳପଥ ଓ ଜଳପଥରେ ଆସୁଥିବା କାଉଡ଼ିଆ ଭକ୍ତଙ୍କ ସୁରକ୍ଷା ନିମନ୍ତେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଶେଷକରି ବୈତରଣୀ ଓ ସାଳନ୍ଦୀ ନଦୀର ଥିବା ମୁଆଁଘାଟ, ତିନିତରଘାଟ ଓ ଧାନଖଣିଆଘାଟରେ କାଉଡିଆ ଭକ୍ତ ଯେପରି ସୁରକ୍ଷିତ ଭାବେ ନଦୀପାର ହୋଇ ଆସିବେ ସେଥି ପାଇଁ ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀଙ୍କୁ ମୁତୟନ କରାଯାଇଛି। ତାହାସହ ରବିବାର ସନ୍ଧ୍ୟାରୁ ସୋମବାର ସକାଳ ଯାଏଁ ନଦୀଘାଟ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମନ୍ଦିର ଭିତରେ ଶୃଙ୍ଖଳିତ ଭାବେ ଜଳଲାଗି ପାଇଁ ବ୍ୟାରିକେଡ କରାଯାଇଥିବା ବେଳେ ମନ୍ଦିର ଭିତର ଓ ବାହାର ବେଢ଼ାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। କାଉଡିଆ ଭକ୍ତମାନଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ ଭଦ୍ରକ ଉପଜିଲ୍ଲାପାଳ ତଥା ମ୍ୟାନେଜିଂଟ୍ରଷ୍ଟି ମନୋଜ ପାତ୍ର, ଚାନ୍ଦବାଲି ତହସିଲିଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ଅସିତ ମହାନ୍ତିଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସମୀକ୍ଷା କରିଥିଲେ।

## ଭଦ୍ରକ ପୌରପାଳିକାର ୨୫ନମ୍ବର ୱାର୍ଡ

# ଅମନନଗର-ଭୂୟାଁମହଲା ରାସ୍ତାରୁ ଜବରଦଖଲ ହଟାଇବାକୁ ଦାବି

**ଭଦ୍ରକ, ୨୧।୭ (ସମିସ)**



ଭଦ୍ରକ ସହରାଞ୍ଚଳର ୨୫ ନମ୍ବର ୱାର୍ଡ ଅନ୍ତର୍ଗତ ଅମନନଗର ବାସିନ୍ଦା ଗ୍ରାମ୍ୟରାସ୍ତାରୁ ଜବରଦଖଲ ହଟାଇବା ଲାଗି ପ୍ରଶାସନକୁ ବାରମ୍ବାର ଅଭିଯୋଗ କରୁଥିଲେ ବି ତାହା ଫଳପ୍ରଦ ହେଉନାହିଁ। ଅମନନଗରରୁ ଭୂୟାଁମହଲା ଯାଏଁ ସରକାରୀ ରାସ୍ତା ରହିଛି। ଉକ୍ତ ରାସ୍ତାକୁ କେତେକ ବ୍ୟକ୍ତି ଜବରଦଖଲ କରିବା ଯୋଗୁ ରାସ୍ତାଟି ସଂକୁଚିତ ହୋଇଯାଇଛି। ପାଖାପାଖି ୪୦ ପରିବାର ଆତଯାତ ଲାଗି ହଇରାଣ ହେଉଛନ୍ତି। ତେବେ ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ଲାଗି ଗ୍ରାମବାସୀ ୨୦୧୯ ମସିହାରୁ ପ୍ରଶାସନକୁ ଗୁହାରି କରିଚାଲିଛନ୍ତି। ୨୦୧୯ରେ ତତ୍କାଳୀନ ଭଦ୍ରକ ତହସିଲଦାର ଓ ପୌରପାଳିକାର ନିର୍ବାହୀ ଅଧିକାରୀ ଉକ୍ତ ରାସ୍ତାର ଚିହ୍ନଟ ପ୍ରକ୍ରିୟା (ଡିମାର୍କେସନ) କରାଇଥିଲେ। ମାତ୍ର ରାସ୍ତା ଅବରୋଧ ହୋଇଥିବା ନେଇ ସ୍ପଷ୍ଟ ହେବା ପରେ ବି ଜବରଦଖଲ ହଟିଲାନାହିଁ। ପରେ ୨୦୨୨ରେ ଗ୍ରାମବାସୀ ଉଚ୍ଛେଦ ଲାଗି ପ୍ରଶାସନକୁ ଗୁହାରି କରିଥିଲେ ବି କିଛି ଲାଭ ହେଲାନାହିଁ। ୨୦୨୩ ଅଗଷ୍ଟ ମାସରେ ଗ୍ରାମବାସୀ ପୁନଃ ତହସିଲଦାର ଓ ପୌରନିର୍ବାହୀ ଅଧିକାରୀଙ୍କ ପାଖେ ଅଭିଯୋଗ ଦାଖଲ କରିଥିଲେ। ୪ମାସ ପରେ ଅର୍ଥାତ ୨୦୨୩ ଡିସେମ୍ବର ମାସରେ ପୁଣିଥରେ ରାସ୍ତା ଚିହ୍ନଟ (ଡିମାରକେସନ) କରାଗଲା। କେଉଁ ସ୍ଥାନରୁ ଅବରୋଧ ହଟିବ ତାହା ସ୍ଥିର ହୋଇଥିଲେ ବି ଆଜି ଯାଏ ତାହା କାର୍ଯ୍ୟକାରୀ ହେଉନାହିଁ। ପରେ ଗ୍ରାମବାସୀ ପୁଣି ଥରେ ଭଦ୍ରକ ଉପଜିଲ୍ଲାପାଳପାଳଙ୍କ ଠାରେ ଦରଖାସ୍ତ କରି ସମସ୍ୟାର ସମାଧାନ ପାଇଁ ଗୁହାରି କରିଥିଲେ। ଏପରିକି ସମସ୍ୟା ସମାଧାନ ନହେଲେ ଅନଶନ ଲାଗି ଚେତବନୀ ଦେଇଥିଲେ। ଉପଜିଲ୍ଲାପାଳ ଏ ସମ୍ପର୍କରେ ମ୍ୟୁନିସପାଲଟି ପ୍ରଶାସନକୁ ସହରାଞ୍ଚଳ ପୁଲିସ ସହ ଯୋଗାଯୋଗ କରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ସୁପାରିସ କରିଥିଲେ ହେଁ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ। ଅପରପକ୍ଷେ ଗ୍ରାମବାସୀଙ୍କ ପକ୍ଷରୁ ଚଳିତ ମାସ ପ୍ରଥମ ସପ୍ତାହରେ ପ୍ରଶାସନକୁ ପୁନଃ ଲିଖିତ ଭାବେ ଗୁହାରି କରାଯାଇଛି। ମୁସ୍ତାକ ଖାନ, ସେକ ନିଜାମୁଦ୍ଦିନ, ସେକ ନିଜାମୁଦ୍ଦିନ ଓ ଅନ୍ୟ ଗ୍ରାମବାସୀମାନେ ଜବରଦଖଲ ହଟାଇ ସମସ୍ୟାର ସମାଧାନ କରିବାକୁ ପୁନଃ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା ଲାଗି ରାଜ୍ୟ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଅମରନଗରବାସୀଙ୍କ ଏହି ସମସ୍ୟା ଦୂର ହେବ କି ନାହିଁ ତାହା ଲକ୍ଷ୍ୟ କରିବାର କଥା।

ହାଣ୍ଡିଶାଳରେ ଚଡ଼କ

# ପରିବା ଦର ଆକାଶଛୁଆଁ; ବଢ଼ୁଛି ଅସନ୍ତୋଷ

କୋରେଇ, ୨୧।୭ (ସମିସ)



ଦର ନିୟନ୍ତ୍ରଣ କରିବାରେ ସରକାର ବିଫଳ

ନିର୍ବାଚନ ସରୁ ସରୁ ପନିପରିବା ଦର ଆକାଶଛୁଆଁ। ହାଣ୍ଡିଶାଳରେ ଚଡ଼କ, ଖାଉଟିଙ୍କ ମୁଣ୍ଡବିନ୍ଧା ସାଜିଛି। ଦର ଖସିବାର ନାଁ ଧରୁନାହିଁ। ମହଙ୍ଗା ହେବାରେ ଲାଗିଛି ବଜାର ଦର। ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ବଢ଼ିବା ସହିତ ଦିନକୁ ଦିନ ପନିପରିବା ଦର ହୁ ହୁ ହୋଇ ବଢ଼ିବାର ଲାଗିଛି। ଆଳୁ ପିଆଜ ଦର ବୃଦ୍ଧିରୁ ବାଦ୍ ପଡ଼ିନି। ଫଳରେ ଏହାର ସିଧାସଳଖ ପ୍ରଭାବ ପଡ଼ିଛି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ଉପରେ। ନୂତନ ସରକାର ଦର ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବା ଆଲୋଚନା ହେବା ସହିତ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଏଭଳି ପରିସ୍ଥିତି ସାରା ରାଜ୍ୟରେ ପରିଲକ୍ଷିତ ହେଉଥିବାବେଳେ ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ଏ ଅଞ୍ଚଳରେ ଆକାଶ ଛୁଆଁ ପରିବା ଦର। ସିଧାସଳଖ ଲୋକଙ୍କ ପକେଟକୁ ମାଡ଼ କରୁଛି। ଦର ନିୟନ୍ତ୍ରଣ ପ୍ରତି କୌଣସି ପ୍ରଶାସନିକ ଲଗାମ ନ ଥିବାରୁ ଅସାଧୁ ବ୍ୟବସାୟୀ ମନଇଚ୍ଛା ଚଢ଼ା ଦରରେ ପନିପରିବା ବିକ୍ରି କରୁଛନ୍ତି। ଏ ଅଞ୍ଚଳରେ ବିଭିନ୍ନ ପନିପରିବା ଚାଷ ହେଉଥିଲେ ମଧ୍ୟ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ସହିତ ବିଭିନ୍ନ ପ୍ରକଳ୍ପରୁ ଜଳଯୋଗାଣ ସୁଚାରୁରୂପେ ହୋଇ ନ ପାରିବାରୁ ପନିପରିବା ଚାଷ ଉପରେ ବହୁ ପ୍ରଭାବ ପଡ଼ିଛି। ଏଥିସହିତ ଏଠାରେ ମଣ୍ଡି କିମ୍ବା ଶୀତଳଭଣ୍ଡାର ନାହିଁ ପନିପରିବା ରଖିବାକୁ। ଫଳସ୍ୱରୂପ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଏ ଅଞ୍ଚଳରେ ପନିପରିବା ମିଳୁନି। ବାଧ୍ୟ ହୋଇ ସ୍ଥାନୀୟ ବେପାରୀ ବାହାର ଜିଲ୍ଲା ଓ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଯେପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରୁ ପନିପରିବା ଉତ୍ପାଦନ ନ ହୋଇଛି, ସେ ପର୍ଯ୍ୟନ୍ତ ଦର ଅଧିକା ରହିବ ବୋଲି କେତେକ ବ୍ୟବସାୟୀ ପ୍ରକାଶ କରନ୍ତି।

ଅନ୍ୟପକ୍ଷରେ ପରିବା ଦର ଅଧିକା ହେତୁ ସାଧାରଣ ଭାବେ ଖାଉଟି ହନ୍ତସନ୍ତ ହେଉଥିବାବେଳେ ବ୍ୟବସାୟୀଙ୍କ ବେପାର ଆଶାଜନକ ହେଉନାହିଁ। ଉଭୟ ଖାଉଟି ଓ ବେପାରୀ ପରିବା ଦରକୁ ନେଇ ଚିନ୍ତିତ। ବର୍ତ୍ତମାନ ପରିପ୍ରେକ୍ଷୀରେ ବଜାରରେ କିଲୋ ପ୍ରତି ବାଇଗଣ, ପୋଟଳ, କୋବି, ଝୁଡ଼ଙ୍ଗ, ଭେଣ୍ଡି, ଶାଗ, ଜହ୍ନି, କଲରାର ଦର ୭୦ ଟଙ୍କାରୁ ଊର୍ଦ୍ଧ୍ୱ ଥିବାବେଳେ ଟମାଟୋ କିଲୋ ଶହେ। ସେହିପରି କଞ୍ଚା ଲଙ୍କା ଓ ବିମ ଛୁଇଁ କିଲୋ ପ୍ରତି ୨ ଶହ ଟଙ୍କାରୁ ଅଧିକ ରହିଛି। ପୂର୍ବରୁ ୩ଶହ ଟଙ୍କାରେ ପରିବା କିଣିଲେ ବ୍ୟାଗ୍ ଫୁଲ୍ ହେଉଥିଲା। ଏବେ କିନ୍ତୁ ଅଧା ହେଉ ନ ଥିବା ଗ୍ରାହକ କହିବା ସହିତ ତଟକା ଓ ତାଜା ପନିପରିବା ବଦଳରେ ଅଧିକାଂଶ ଶୁଖିଲା ଓ ବାସି ପରିବା ମିଳୁଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଯଦି ଜିଲ୍ଲା ପ୍ରଶାସନ ପରିବା ଦର ବୃଦ୍ଧି ଉପରେ ହସ୍ତକ୍ଷେପ ନ କରେ, ତେବେ ଆଗକୁ ଏହି ସମସ୍ୟା ଆହୁରି ଜଟିଳ ହୋଇପଡ଼ିବ। ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ସାଧାରଣରେ ଦାବି ହେଉଛି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ସୁକିନ୍ଦା, ୨୧।୭ (ସମିସ):** ରବିବାର ଡୁବୁରୀ-ଟମକା ରାସ୍ତାର ଶଗଡ଼ଗୁଳା ଛକ ନିକଟରେ ଦୁର୍ଘଟଣା ଘଟି ବାଇକ୍ ଆରୋହୀ ଲାଲା ସାମଲ (୨୬) ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା ଯମୁନାକୋଟ ଅଞ୍ଚଳର ଲାଲା ସାମଲ ନାମକ ଯୁବକ ରବିବାର ଦିନ ବାଇକ୍ ଯୋଗେ ଆନନ୍ଦପୁର ଯାଉଥିବା ସମୟରେ ଏକ ଗାଈ ସହ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଲାଲା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଲାଲାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡ, ହାତ ଓ ଦେହର ବିଭିନ୍ନ ସ୍ଥାନରେ ଆଘାତ ଲାଗି ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସେହି ସମୟରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ଉପସ୍ଥିତ ନ ଥିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

## ପରିବାରରେ ମାର୍‌ପିଟ୍ କରି ଯୁବକ ଗିରଫ

**ପାଣିକୋଇଲି, ୨୧।୭ (ସମିସ):** ନିଜ ପରିବାର ମଧ୍ୟରେ ନିଶାସକ୍ତ ହୋଇ ଗଣ୍ଡଗୋଳ କରିବା ଓ ପରିବାର ଲୋକଙ୍କୁ ମାର୍‌ପିଟ କରିବା ଓ ନିଜେ ଆତ୍ମହତ୍ୟା ନାଟକ ରଚିବା ଅଭିଯୋଗରେ ପାଣିକୋଇଲି ପୁଲିସ ଆଜି ଜଣଙ୍କୁ ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ଅଶୋକ ସାହୁଙ୍କ ପୁଅ ଅଞ୍ଜନ ସାହୁଙ୍କ ଅଭିଯୋଗ ମୁତାବକ, ତାଙ୍କ ସାନଭାଇ ବବୁଲ ଓରଫ ସୁଜିତ ସାହୁ ଆଜକୁ ତିନିବର୍ଷ ହେବ ଘରେ ଓ ପରିବାରରେ ଅଶାନ୍ତି ସୃଷ୍ଟି କରୁଛି। ନିଶାସକ୍ତ ହୋଇ ସବୁବେଳେ ପରିବାର ଲୋକଙ୍କୁ ଗାଳିଗୁଲଜ ସହ ମାର୍‌ପିଟ କରୁଛି। ରଥଯାତ୍ରା ଦିନ ନିଜ ଜନ୍ମିତ ମାଆ ମେନକାଙ୍କୁ ଘରେ ପୂରାଇ ଚାବି ଦେବା ଫଳରେ ଗ୍ରାମବାସୀଙ୍କ ଦ୍ୱାରା କବାଟ ଭାଙ୍ଗି ସେ ଉଦ୍ଧାର ହୋଇଥିଲେ। ଏବେ ସେ ବାରମ୍ବାର ଗଣ୍ଡଗୋଳ କରିବା ସହ ଅଶ୍ରାବ୍ୟ ଗାଳିଗୁଲଜ କରିବା ସହ ମାର୍‌ପିଟ କରିଥିଲା। ଅଞ୍ଜନ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ୩୫୧/୨୪ରେ ମାମଲା ରୁଜୁ କରି ସୁଜିତକୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ଦେବାଶିଷ ଭବନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ

**ବରୀ, ୨୧।୭ (ସମିସ):** ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇ ପ୍ରାକ୍ତନ ମନ୍ତ୍ରୀ ଦେବାଶିଷ ନାୟକଙ୍କ ନାମରେ ବରୀ ବ୍ଲକ ଅଧୀନସ୍ଥ ବରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦେବାଶିଷ ଭବନ ନାମକ ଏକ କ୍ଲବ ଘର ନିର୍ମାଣ କରାଯାଇଥିଲା। ରାଜସ୍ୱ ବିଭାଗ ଅଧୀନରେ ଥିବା ଖାତା ନଂ ୧୭୫୦ ପ୍ଲଟନଂ ୧୫୧୨ ବରୀ ମୌଜାରେ ଗତ ୨୦୦୩ରେ ଦେବାଶିଷ ଭବନ କୋଠା ନିର୍ମାଣ ହୋଇଥିଲା। ଉକ୍ତ ଗୃହ ନିର୍ମାଣ ସମୟରେ ତହସିଲ ପ୍ରଶାସନର କୌଣସି ଅନୁମତି ନିଆ ନ ଯାଇ ନିର୍ମାଣ ହେବା ଓ କେତେକ ବ୍ୟକ୍ତି ଏହି ଗୃହକୁ ଜବରଦଖଲ କରିଥିବାରୁ ଏହି ପଞ୍ଚାୟତର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି।

ଉକ୍ତ ଗୃହକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହେବାରୁ ୨୦୧୧ରେ ଉଭୟ ପକ୍ଷଙ୍କ ନାମରେ ୧୦୭ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗ କ୍ରମେ ଉପଜିଲ୍ଲାପାଳ ତାଙ୍କର ପତ୍ର ସଂଖ୍ୟା ୧୩୩୩୩ ତା୧୦/୧୨/୨୦୨୧ରିଖରେ ବିବାଦୀୟ ଉକ୍ତ ଗୃହକୁ ସିଲ କରିବା ସହ ପ୍ରଶାସନ ଅଧୀନକୁ ନେଇଥିଲେ। ପରେ ସିଲ କରାଯାଇଥିବା ଉକ୍ତ ଗୃହକୁ ପ୍ରଶାସନର ବିନା ଅନୁମତିରେ ତାଲା ଭଙ୍ଗାଯାଇ ପୁନଶ୍ଚ ଜବରଦଖଲ କରାଯାଇଥିବା ଘଟଣାକୁ ନେଇ ପୂର୍ବତନ ବିଜେଡ଼ି ବ୍ଲକ ସଭାପତି ସେକ ସଫିକଉଦ୍ଦିନ ବରୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ ପହଞ୍ଚି ଉକ୍ତ ଗୃହକୁ ସିଲ୍ କରିବା ସହ ବେଆଇନ ଭାବେ ଯେଉଁ ବ୍ୟକ୍ତି ଘରର ସିଲ ଭାଙ୍ଗି ଏହାକୁ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତ ରଖିଛନ୍ତି। ଅପରପକ୍ଷେ ଉକ୍ତ ସିଲ୍ ହୋଇଥିବା ଗୃହ ବରୀ ତହସିଲ ଅଧୀନସ୍ଥ ବରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଲାଗିଥିବାବେଳେ ତହସିଲ ପ୍ରଶାସନ ଏଭଳି ବେଆଇନ କାର୍ଯ୍ୟ ଉପରେ ଆଖି ବୁଜି ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିକଟରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ବେଆଇନ ଭାବେ ତାଲା ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବରୀ ଗ୍ରାମର ଲୋକେ ଲିଖିତ ଭାବେ ଅଭିଯୋଗ କରିଥିଲେ।

## ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ସମାରୋହ



**ବିଞ୍ଝାରପୁର / ମଇଁଦା, ୨୧।୭ (ସମିସ):** ବିଞ୍ଝାରପୁର ବ୍ଲକ ସୟଦପୁର ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ୧୪୪ତମ ଜୟନ୍ତୀ ସମାରୋହ ଆୟୋଜିତ ହୋଇଯାଇଛି। ଉତ୍କଳ ପ୍ରାଣ ବ୍ରଜସୁନ୍ଦର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ପୀତାମ୍ବର ସ୍ୱାଇଁଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ହରିଶ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ବିରଜା ରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଓ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା ଯୋଗ ଦେଇଥିଲେ। ପ୍ରଥମେ ବ୍ରଜସୁନ୍ଦର ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସୁଶ୍ରୀ ଗାୟତ୍ରୀ ଓ ଶୁଭଶ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ଓଡ଼ିଶା ପ୍ରତି ତଥା ଓଡ଼ିଆ ଭାଷା ପ୍ରତି ଥିବା ଅବଦାନକୁ ଅତିଥିମାନେ ମନେ ପକାଇବା ସହିତ ତାଙ୍କ ବୀରତ୍ୱକୁ ପ୍ରଶଂସା କରିଥିଲେ। ବ୍ରଜସୁନ୍ଦର ଦାସ ଓଡ଼ିଆଙ୍କ ପାଇଁ ଯାହା ସବୁ କରିଯାଇଛନ୍ତି, ତାହା ଅବିସ୍ମରଣୀୟ ହୋଇ ରହିଛି। ଆଜି ଏ ଓଡ଼ିଆ ଜାତି ତାଙ୍କୁ ଭୁଲିଯାଉଛି ଅର୍ଥାତ ତାକୁ ଉପେକ୍ଷିତ କରାଯାଉଛି ବୋଲି ମତ ପ୍ରକାଶ କରିଥିଲେ ପଣ୍ଡିତ ଭୂପତି ଭୂଷଣ ମିଶ୍ର। ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସ ସମ୍ମାନରେ ରାଧାରମଣ ଦାସଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମଧୁସୂଦନ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଟିକିଲତା ବେହେରା, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ମନୋରଞ୍ଜନ ନାଥ, ଶ୍ରୀକାନ୍ତ ପ୍ରଧାନ, ରବି ଶତପଥୀ, ସୁବୋଧ ଧଳ, ଭୁବନାନନ୍ଦ ସାମଲ, ଚିକଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ମଲ୍ଲିକ, ଘନଶ୍ୟାମ ସାମଲ, କିରଣ ଜେନା, ବାବାଜୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ପରିଚାଳନା ପରିଷଦ ପୁନର୍ଗଠିତ

ଯାଜପୁର ଟାଉନ, ୨୧।୭ (ସମିସ)



ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପୂର୍ଣ୍ଣାନନ୍ଦ ସ୍ମୃତି ପାଠାଗାର ସମ୍ମିଳନୀ କକ୍ଷରେ ପାଠାଗରର ଷଷ୍ଠ ସାଧାରଣ ପରିଷଦ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ କହ୍ନାଇ ଚରଣ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମା'ବିରଜା ଓ ସ୍ୱର୍ଗତ ପୂର୍ଣ୍ଣାନନ୍ଦ ମିଶ୍ରଙ୍କ ଫଟୋଚିତ୍ରରେ ସଭ୍ୟମାନେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ବିଶ୍ୱମ୍ବର ମିଶ୍ର ବିରଜାଙ୍କ ସ୍ତୋତ୍ରପାଠ କରିଥିଲେ। ସମ୍ପାଦକ ନୃସିଂହ ଚରଣ ମହାପାତ୍ର ସଭ୍ୟଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆୟବ୍ୟୟ ସୂଚନା ପ୍ରଦାନ କରିଥିଲେ। ପାଠାଗାର ପରିଚାଳନାରେ ଉନ୍ନତି ନିମନ୍ତେ ସଭ୍ୟଙ୍କ ମଧ୍ୟରେ ଆଲୋଚନା ଓ ବିଚାର ବିମର୍ଶ କରାଯାଇଥିଲା। ସଭାପତି ସଭାର ଉଦ୍ଦେଶ୍ୟ ଓ ନିର୍ବାଚନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଶୁତୋଷ ମିଶ୍ର ନିର୍ବାଚନ ଅଧିକାରୀ ଓ କରୁଣାକର ନାୟକ ସହାୟକ ନିର୍ବାଚନ ଅଧିକାରୀ ଭାବେ ମନୋନୀତ ହୋଇଥିଲେ।

ଆଗାମୀ ୩ ବର୍ଷ ପାଇଁ ସଭ୍ୟଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ନୂତନ ପରିଚାଳନା କମିଟି ଗଠନ କରାଗଲା। କହ୍ନାଇ ଚରଣ ମହାନ୍ତି ସଭାପତି, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ଓ ଗଦାଧର ରାଉତ ଉପ-ସଭାପତି, ନୃସିଂହ ଚରଣ ମହାପାତ୍ର ସମ୍ପାଦକ, ରଜତ କୁମାର ମହାନ୍ତି ଓ କ୍ଷୀରୋଦ ଚନ୍ଦ୍ର ପାଠୀ ଯୁଗ୍ମ ସମ୍ପାଦକ, ବିଷ୍ଣୁଚରଣ ବିହାରୀ କୋଷାଧ୍ୟକ୍ଷ ସଞ୍ଜୟ କୁମାର ସିଂହ ଗ୍ରନ୍ଥାଗାରିକ ଭାବେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସମିତି ସଦସ୍ୟ ରୂପେ ପ୍ରଧାନ ଶିକ୍ଷକ ବିରଜା ଉଚ୍ଚ ବିଦ୍ୟାଳୟ, ବନବିହାରୀ ମହାପାତ୍ର, ରବୀନ୍ଦ୍ର କୁମାର ମହାନ୍ତି, ଶରତ ଚନ୍ଦ୍ର ମହାରଣା, ପୁଷ୍ପକାନ୍ତ ମଲ୍ଲିକ, ରବି ଶତପଥୀ, କରୁଣାକର ନାୟକ, ଧନଞ୍ଜୟ କେଶରୀ ରାଉତରା, ନିରୂପମା ମହାନ୍ତି, ଅଜୟ ଦାସ, ରଶ୍ମିରଞ୍ଜନ ମହାନ୍ତି, ଦେବାଶିଷ ମହାନ୍ତି, ସଞ୍ଜୟ କୁମାର ସାହୁ ନିର୍ବାଚିତ ହୋଇଥିଲେ। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ବିଶ୍ୱମ୍ବର ମିଶ୍ର, ସତୀଶ ଚନ୍ଦ୍ର ଦାସ, ଆଶୁତୋଷ ମିଶ୍ର, ଜଗନ୍ନାଥ ଧଳ, ରବିପ୍ରସାଦ ସାମଲ, ନୃସିଂହ ଚରଣ ଜେନା, ନରେନ୍ଦ୍ର କୁମାର ଦାସ, ଶରତ ଚନ୍ଦ୍ର ସାମଲ, ସୁବାସ ଚନ୍ଦ୍ର ମହାପାତ୍ର, ଭରତ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ସ୍ୱାଇଁ, ମଧୁସୂଦନ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ କଲ୍ୟାଣ ଜେନା, ମହେଶ୍ୱର ମହାପାତ୍ର, ସୂର୍ଯ୍ୟନାରାୟଣ ଦାସ, ମିହିର ରଞ୍ଜନ ନାୟକ, ରାମକୃଷ୍ଣ ବେହୁରିଆ, ଅଜୟ କୁମାର ମହାନ୍ତି, ଗୋପେନ୍ଦ୍ର କୃଷ୍ଣ ମହାନ୍ତି, ଚନ୍ଦ୍ରଶେଖର ପାଣି, ବୈଦ୍ୟନାଥ ସାମଲ, ଅଶୋକ ବିହାରି, ବୃନ୍ଦାବନ ମିଶ୍ର, ମଳୟ କୁମାର ନାୟକ, ଡଃ ଅକ୍ଷୟ କୁମାର ପଣ୍ଡା, ନବକିଶୋର ଦାସ, ଗୁରୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁମିଳନରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ଦଶରଥପୁର, ୨୧।୭ (ସମିସ)

ବିରଜା ହାଇସ୍କୁଲ ୧୯୯୯ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ପକ୍ଷରୁ ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଅଭୟ ନୃସିଂହ ମନ୍ଦିର ପରିସରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚ୍‌ର ଛାତ୍ର ଅକ୍ଷୟ କୁମାର ବିଶ୍ୱାଳ, ମନୋଜ କୁମାର ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ବିଶ୍ୱନାଥ ପୃଷ୍ଟି, ରାଜକିଶୋର ଦିକ୍ଷିତ୍, ଚନ୍ଦ୍ରଭାନୁ ଧଳ, ପଞ୍ଚାନନ ଦାସ, ସୌରଜିତ୍ ମହାନ୍ତି, ଶୁଭକାନ୍ତ ମହାନ୍ତି, ସୁନୀଲ ଦାସ, ବିବେକାନନ୍ଦ ଜେନା, ବିଶ୍ୱଭୂଷଣ ଜେନା, ସୁକାନ୍ତ ପାଣି, ବିଶ୍ୱନାଥ ପୃଷ୍ଟି, ସନ୍ତୋଷ ନାୟକ, ତୃପ୍ତିରଞ୍ଜନ ପୃଷ୍ଟି, ଉତ୍ପଳ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବ୍ୟାଚର ଅନ୍ୟ ସହପାଠୀଙ୍କ ପରିବାର ଓ ବନ୍ଧୁ ସାମିଲ ହୋଇଥିଲେ। ଏ ପରିପ୍ରେକ୍ଷୀରେ ମନ୍ଦିର ପ୍ରାଙ୍ଗଣ ପଡ଼ିଆରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କରାଯାଇଥିଲା। ବ୍ୟାଚର ସମସ୍ତ ସହପାଠୀ ଗୋଟିଏ ଲେଖାଁଏ ବୃକ୍ଷ ଚାରା ରୋପଣ କରିବା ସହିତ ଏହାର ଆବଶ୍ୟକ ଯତ୍ନ ନେବାକୁ ମତବ୍ୟକ୍ତ କରିଥିଲେ।

## ଶିଶୁ ସାହିତ୍ୟିକ ଅଜୟ ଜେନାଙ୍କୁ ଡକ୍ଟରେଟ୍ ଉପାଧି



**ବରୀ, ୨୧।୭ (ସମିସ):** ନାଥପୁର ଜଗା ଶିଶୁ ସାହିତ୍ୟ ସଂସଦ ସମ୍ପାଦକ ତଥା ଶିଶୁ ସାହିତ୍ୟିକ ଅଜୟ କୁମାର ଜେନାଙ୍କୁ ସାହିତ୍ୟ ମାଧ୍ୟମରେ ସମାଜସେବା ପାଇଁ ନୂଆଦିଲ୍ଲୀସ୍ଥ ଆଇକନିକ୍ ପିସ୍ ଆୱାର୍ଡ କାଉନସିଲ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। କନଷ୍ଟିଚ୍ୟୁସନାଲ୍ କ୍ଲବ୍ ଅଫ୍ ଇଣ୍ଡିଆ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଜୟ ସାମ୍ପଲ, ରାଜ୍ୟସଭା ସାଂସଦ ନରେଶ ବଂଶାଲ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ନିର୍ଦ୍ଦେଶକ ସଚିନ ଗୁପ୍ତା, ପୂର୍ବତନ ଉପବାଚସ୍ପତି ଆଚାର୍ଯ୍ୟ ୟେସି ଫୁଣ୍ଟସ୍କୋ, ବିଶିଷ୍ଟ ଗୀତିକାର ବ୍ରହ୍ମପାଲ ନଗର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ଜେନାଙ୍କୁ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୁସ୍ମିତା ଆଇଚ ସଭାପତିତ୍ୱ କରିଥିବାବେଳେ ଅନୁଷ୍ଠାନର ସିଇଓ ରଞ୍ଜନ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀ ଜେନାଙ୍କୁ ଉତ୍ତରୀୟ, ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଶ୍ରୀ ଜେନା ପିଲାମାନଙ୍କ ପାଇଁ 'ଜଗତେ ରଖିବା ନାଁ', 'ଏକ ଆଉ ଏକ ମିଶି ହୁଏ ଦୁଇ', 'ବଗୁଲିଆ ଚମଚମ', 'ବିଦଗ୍ଧ କବି ଅଭିମନ୍ୟୁ' ଓ 'କାଶ୍ମୀର କୋଳରେ ପାଞ୍ଚ ରାତି' ଭଳି ପୁସ୍ତକ ରଚନା କରିଛନ୍ତି। ଶ୍ରୀ ଜେନା ପଞ୍ଚାୟତିରାଜ ବିଭାଗ ଅଧୀନରେ ଆକଉଟାଣ୍ଟ ଆଣ୍ଡ ଡାଟା ଏଣ୍ଟ୍ରି ଅପରେଟର ଭାବେ ଯାଜପୁର ବ୍ଲକରେ କାର୍ଯ୍ୟରତ ଅଛନ୍ତି। ଗ୍ରାମାଞ୍ଚଳରେ ଶିଶୁ ସାହିତ୍ୟ ଓ ଶିଶୁ ପ୍ରତିଭାର ବିକାଶ ପାଇଁ ଦୀର୍ଘ ତିରିଶି ବର୍ଷ ଧରି ଜଗା ଶିଶୁ ସାହିତ୍ୟ ସଂସଦ ଗଠନ କରି ଏହାର ସମ୍ପାଦକ ଭାବେ କାର୍ଯ୍ୟ କରିଆସୁଛନ୍ତି। ନିଜ ସମ୍ପାଦନରେ 'ଶିଶୁ ସୁଧା' ଓ 'ଜଗା' ନାମରେ ଶିଶୁ କିଶୋର ପତ୍ରିକା ପ୍ରକାଶ କରୁଛନ୍ତି। ଶ୍ରୀ ଜେନାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଜଗା ଶିଶୁ ସାହିତ୍ୟ ସଂସଦ ସଭାପତି ବ୍ରଜମୋହନ ସାମଲ, ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଜିତେନ୍ଦ୍ର ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ରବୀନ୍ଦ୍ର ବିହାରୀ, ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା, ଗୋପବନ୍ଧୁ ଦାସ, ଡକ୍ଟର ନିରଞ୍ଜନ ସାହୁ, କପିଳ ଚରଣ ସାମଲ, ଡକ୍ଟର ପ୍ରଭଞ୍ଜନ ପତି, ଗଗନ ଜେନା, ସାମାଜିକ କର୍ମୀ ଚୈତନ୍ୟ ଚରଣ ଜେନା, ଅଧ୍ୟାପକ ରବୀନ୍ଦ୍ର ଦାସ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରାଣକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଟ୍ ସଂଖ୍ୟା ବୃଦ୍ଧି

**କୋରେଇ, ୨୧।୭ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ରୋଡ୍‌ସ୍ଥ ପ୍ରାଣକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ (+୨) ଶ୍ରେଣୀ କଳାରେ ୬୪ ସିଟ୍ ବୃଦ୍ଧି ହୋଇଛି। ପୂର୍ବରୁ ୨୫୬ ସିଟ୍ ରହିଥିବାବେଳେ ଏବେ ୩୨୦କୁ ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ବିଭାଗ ଦ୍ୱାରା ଅନୁମୋଦନ ହୋଇଛି।

ପ୍ରାଣକୃଷ୍ଣ ମହାବିଦ୍ୟାଳୟ କୋରେଇର ନଦୀକୂଳିଆ ତଥା ଗ୍ରାମାଞ୍ଚଳରେ ଅବସ୍ଥିତ। ତେଣୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁଯାୟୀ ଏହି କଲେଜରେ ନାମ ଲେଖାଇବା ପାଇଁ ଆବଶ୍ୟକ ସିଟ୍ ନ ଥିବା ହେତୁ ବହୁ ଗରିବ ଶ୍ରେଣୀର ଛାତ୍ରୀଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏଥିସହ ଏହି ଅଞ୍ଚଳର ଛାତ୍ରଛାତ୍ରୀ ବହୁ ଦୂରଦୂରାନ୍ତ କଲେଜରେ ନାମ ଲେଖାଉଥିଲେ। ଫଳରେ କଲେଜକୁ ଯିବାଆସିବାରେ ଘୋର ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି। ଏ ନେଇ ଅଭିଭାବକ, ଅଞ୍ଚଳର ବୁଦ୍ଧିଜୀବୀ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ଖଣ୍ଡାଇ ଦ୍ୱାଦଶ ଶ୍ରେଣୀ କଳାରେ ସିଟ୍ ବୃଦ୍ଧି ନିମନ୍ତେ ରାଜ୍ୟ ଉଚ୍ଚ ମାଧ୍ୟମିକ ବିଭାଗ ନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ। ଏହା ବିଭାଗ ଦ୍ୱାରା ଅନୁମୋଦିତ ହୋଇ ସିଟ୍ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ଥିବା ଇଚ୍ଛାଧୀନ ବିଷୟ ସହିତ ବ୍ୟାଙ୍କିଙ୍ଗ୍, ଫେସନ ଟେକ୍ନୋଲୋଜି ଓ ଟୁ୍ୟରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ ଆଦି ୩ଟି ନୂତନ ବିଭାଗରେ ପିଲା ଆଡ୍‌ମିଶନ ପାଇଁ ସ୍ୱୀକୃତି ମିଳିଛି। ଫଳରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିବାବେଳେ ଅଧ୍ୟକ୍ଷ ଶ୍ରୀ ଖଣ୍ଡାଇଙ୍କ ସହିତ କଲେଜରେ ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୃଦ୍ଧିଜୀବୀ, ଶିକ୍ଷାବିତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମନରେଗା ଯୋଜନା

# ମୃତ, ଦିବ୍ୟାଙ୍ଗ ଓ ସରକାରୀ କର୍ମଚାରୀଙ୍କ ନାମରେ ଅର୍ଥ ପୈଠ ଅଭିଯୋଗ

ବରୀ, ୨୧।୭ (ସମିସ)

ଶ୍ରମିକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ସ୍ୱଚ୍ଛଳ ହେବା ପାଇଁ ସରକାରଙ୍କ ପକ୍ଷରୁ ମନରେଗା ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନା କାର୍ଯ୍ୟକାରୀ ହେବା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଥିବାବେଳେ ଏହାକୁ ଉଲ୍ଲଂଘନ କରାଯାଇ ଦିବ୍ୟାଙ୍ଗ, ସେନା କର୍ମଚାରୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ମୃତବ୍ୟକ୍ତିଙ୍କ ନାମରେ ବିଭିନ୍ନ ପ୍ରକଳ୍ପ ଉପରେ ଅର୍ଥ ପୈଠ କରାଯାଇ ସରକାରୀ ଅନୁଦାନ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ବରୀ ବ୍ଲକ ଅଧୀନସ୍ଥ ଗମୁ ପଞ୍ଚାୟତରେ ଦୁଇ ବର୍ଷ ୬ ମାସ ମଧ୍ୟରେ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମନରେଗା ଯୋଜନାରେ ଶ୍ରମିକଙ୍କ ନାମରେ କାର୍ଯ୍ୟ କରା ନ ଯାଇ ଅର୍ଥ ପୈଠ କରାଯାଇ ଉଠାଣ କରାଯାଇଥିବା ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ନାୟକ, ହେମନ୍ତ ନାୟକ, ପୂର୍ବତନ ସମିତିସଭ୍ୟ ଅଙ୍କୁର ମଲ୍ଲିକ, ପ୍ରଶାନ୍ତ ପରିଡ଼ା, ବର୍ତ୍ତମାନର ସମିତିସଭ୍ୟା ତୃପ୍ତି ମୟୀ ଦାଶ, କାଙ୍ଗାଳୀ ସେଠି, ମାଗୁଣି ଯେନା, ଉଦୟ ନାଥ ଜେନା, ମନୋରମା ନାୟକ, ରତ୍ନମଣି ସେଠୀ, ପ୍ରମୋଦ ମହାପାତ୍ରଙ୍କ ସମେତ ଶତାଧିକ ବ୍ୟକ୍ତି ଏଭଳି ବେଆଇନ କାର୍ଯ୍ୟ ଉପରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏତଦ୍‌ବ୍ୟତୀତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ମନ୍ତ୍ରୀ, ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଭିଯୋଗ ପତ୍ର ପଠାଇଥିବା ସୂଚନା ମିଳିଛି।

ମନରେଗା ଯୋଜନାର ନିୟମ ଅନୁଯାୟୀ ଯେଉଁ ପ୍ରକଳ୍ପ ଉପରେ ଅର୍ଥ ମଞ୍ଜୁର ହୋଇଥାଏ କାର୍ଯ୍ୟ ଆରମ୍ଭ ସ୍ଥାନରେ ସେହି ପ୍ରକଳ୍ପର କେତେ ଅର୍ଥ ମଞ୍ଜୁର ହୋଇଛି ତାହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ସୂଚନା ଫଳକ ମାଧ୍ୟମରେ ଦର୍ଶାଯାଇଥାଏ। ପ୍ରକଳ୍ପରେ ଶ୍ରମିକ କାର୍ଯ୍ୟ କରିବା ସମୟରେ ଦାୟିତ୍ୱରେ ଥିବା ଅଧିକାରୀ ଶ୍ରମିକଙ୍କ ଫଟୋ ଉତ୍ତୋଳନ କରି ବ୍ଲକ ପ୍ରଶାସନକୁ ଅବଗତ କରିବାର ନିୟମ ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ପଞ୍ଚାୟତରେ ୨୧ଟି ପ୍ରକଳ୍ପ ଉପରେ ମନରେଗା ଯୋଜନାରେ କାର୍ଯ୍ୟ ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ ଗୋଘେଇ ପୋଖରୀ ନାମରେ ଗୋଟିଏ ପ୍ରକଳ୍ପ ଥିବାବେଳେ ଦୁଇଟି ପ୍ରକଳ୍ପ ଦର୍ଶାଯାଇ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଶ୍ରମିକଙ୍କ ଦ୍ୱାରା କାମ ନ କରି ମେସିନ ଯୋଗେ କାମ କରାଯିବା ଘଟଣା ତଦନ୍ତ ପାଇଁ ଦାବି ହୋଇଛି।

୫/୯/୨୦୨୧ରେ କଟକ ବଡ ମେଡିକାଲରେ ମୃତ୍ୟୁବରଣ କରିଥିବା କସ୍ତୁରୀ ଚରଣ ନାୟକଙ୍କ ପୁତ୍ର ରଞ୍ଜିତ ନାୟକ ନାମରେ ମଧ୍ୟ ମନରେଗା ଯୋଜନାର ଅର୍ଥ ଉଠାଣ ହୋଇଥିବା ସ୍ପଷ୍ଟ ସୂଚନା ମିଳିଛି। ସେହିପରି ସାହୁପଡ଼ା ପଞ୍ଚାୟତ ପୂର୍ତ୍ତ ବିଭାଗ ରାସ୍ତାଠାରୁ ବ୍ରାହ୍ମଣୀ ନଦୀବନ୍ଧ ପର୍ଯ୍ୟନ୍ତ ଆଦୌ କାମ କରା ନ ଯାଇ ବର୍ଷାଋତୁ ଚାଲିଥିଲେ ମଧ୍ୟ ଶ୍ରମିକ କାର୍ଯ୍ୟ କରୁଥିବା ଦର୍ଶାଯାଇ ଅର୍ଥ ଉଠାଣ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

